## ପୋଖରୀରେ ପଡ଼ି ଶିଶୁ ମୃତ

ତିହିଡ଼ି,୧୭।୪(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତର ସିମନ୍ତପୁର ଗ୍ରାମରେ ଶୁକ୍ରବାର ସକାଳେ ପୋଖରୀରେ ପଡ଼ି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଅନୋଜ କୁମାର ସ୍ୱାଇଁଙ୍କ ପୁଅ ସ୍ନେହାଂଶୁ(୫)। ଅନୋଜଙ୍କ ସହ ତାଙ୍କ ପୁଅ ସ୍ନେହାଂଶୁ ବାଡ଼ିକୁ ଆମ୍ବ ତୋଳିବାକୁ ଯାଇଥିଲେ। ସେଠାରେ ଥିବା ଏକ ପୋଖରୀରେ ସ୍ନେହାଂଶୁ ପଡ଼ିଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଭଦ୍ରକ,୧୭।୪( ରବିନାରାୟଣ ଖିଲାର)

ଭଦ୍ରକ ସହରର ଧର୍ମପ୍ରାଣା ମହିଳା ତଥା ଘଣ୍ଟେଶ୍ୱର କଲେଜସ୍ଥିତ 'ଅନାମ ସୂତାର ଲାଇବ୍ରେରୀ'ର ପ୍ରତିଷ୍ଠାତା ଶୁକ ଦେଈ(୮୪)ଙ୍କର ହୃଦ୍‌ଘାତରେ ବୁଧବାର ରାତିରେ ଭଦ୍ରକ ସାଳନ୍ଦୀ କଲୋନୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦିବଂଗତ ଶିଳ୍ପପତି ଅନାମ ସୂତାରଙ୍କ ସ୍ତ୍ରୀ। ଶୁକ ଦେଈ ଲାଇବ୍ରେରୀ, ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, ତାରିଣୀ ମନ୍ଦିର ଆଦି ବିଭିନ୍ନ ଧର୍ମାନୁଷ୍ଠାନ ପ୍ରତିଷ୍ଠା କରି ଲୋକପ୍ରିୟ ଥିଲେ। ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସଂସ୍କୃତି ଗବେଷକ ପଣ୍ଡିତ ଦୈତାରି ମହାପାତ୍ର, ଅଧ୍ୟକ୍ଷ ନୀହାର ରଞ୍ଜନ କର, କବି ବୈକୁଣ୍ଠ ନାଥ ଓଝା, ଡା. ଅନିଲ କୁମାର ଦାଶ, ନାଟ୍ୟଶ୍ରୀ ନିର୍ମଳ ରାଉତ, ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ଓଝା, କବୟିତ୍ରୀ ପ୍ରମିଳା ବଳ, ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ନାଟ୍ୟକାର ଗୌରାଙ୍ଗ ଚରଣ ବାରିକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ସାହିତ୍ୟିକ ଇଂ. ଅଭୟ ସୂତାର ମୁଖାଗ୍ନି ଦେଇଥିଲେ। ବୋହୂ ଅଧ୍ୟାପିକା ସ୍ୱପ୍ନାବାସବଦତ୍ତା ସୂତାରଙ୍କ ସମେତ ସମସ୍ତ ପୁଅ, ନାତି, ନାତୁଣୀ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଭଣ୍ଡାରିପୋଖରୀ,୧୭।୪
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ କୁରିଗାଁ ପଞ୍ଚାୟତ ମହମ୍ମଦପୁର ଗ୍ରାମର ବଳଭଦ୍ର ସେନାପତି(୪୮)ଙ୍କର ଗୁରୁବାର ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବଳଭଦ୍ର ବାଇକ୍ (ଓଡି ୨୨ ଏବି ୯୨୮୮)ରେ କେନାଲ ରାସ୍ତାରେ ଘରକୁ ଫେରୁଥିବା ବେଳେ ସମ୍ମୁଖରୁ ଆସୁଥିବା ଏକ ବାଇକ୍ ସାଇଡ୍ ମାରିଥିଲା। ବଳଭଦ୍ର ଭାରସାମ୍ୟ ହରାଇ ତଳକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସରେ କଟକ ନିଆଯାଉଥିବା ବେଳେ ପାଣିକୋଇଲି ନିକଟରେ ତାଙ୍କ ମୃତ୍ୟୁ ଘଟିଥିଲା। ବଡ଼ଭାଇ ଅଶୋକଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୧୭୩/୨୬) ରୁଜୁ ହୋଇଛି।

# ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା

ଧାମନଗର,୧୭।୪(ଦେବେନ୍ଦ୍ର ଆଢ଼ିଆ/
ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ୍ ଯୋଗାଣ ନିରୀକ୍ଷକଙ୍କ ମନମୁଖୀ ଓ ବେଆଇନ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେଡି ପକ୍ଷରୁ ଶୁକ୍ରବାର ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ବିଜେଡି ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ଯୋଗାଣ ନିରୀକ୍ଷକ ବିଭିନ୍ନ ରିଟେଲରଙ୍କଠାରୁ ଅନଧିକାର ଭାବେ ଟଙ୍କା ଆଦାୟ କରୁଛନ୍ତି। ରିଟେଲରମାନେ ସରକାରଙ୍କୁ ଦେଉଥିବା ଅର୍ଥରୁ ୧୨ ପ୍ରତିଶତ କମିଶନ ଆକାରରେ ସେ ଦାବି କରିବା, ଡିଲରମାନଙ୍କ ଲାଇସେନ୍ସ ନବୀକରଣ ପାଇଁ ସେମାନଙ୍କଠାରୁ କୁଇଣ୍ଟାଲ ପିଛା ୩୦ଟଙ୍କା, ଟ୍ରେଜେରୀ ଚାଲାଣ ପାଇଁ ୧୫୦୦ ଟଙ୍କା ଏବଂ



ବିଜେଡି ପକ୍ଷରୁ ଏବିଡିଓ ଶର୍ମିଷ୍ଠା ମଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଟାଲି ଖାତା ଲାଗି ୨୦୦ ଟଙ୍କା ଲେଖାଏ ଜବରଦସ୍ତ ଆଦାୟ କରୁଛନ୍ତି। ଏପରିକି ନିଜ ପାଇଁ ଏକ ଲାପ୍‌ଟପ୍ କିଣିବାକୁ ମଧ୍ୟ ସେ ପ୍ରତ୍ୟେକ ରିଟେଲରଙ୍କୁ ୧୦୦୦ ଟଙ୍କା ଲେଖାଏ ମାଗୁଥିବା ଅଭିଯୋଗରେ ଦର୍ଶାଯାଇଛି। ପ୍ରଶାସନିକ ନିଷ୍କ୍ରିୟତା ଓ ଯୋଗାଣ ନିରୀକ୍ଷକଙ୍କ ଏଭଳି କାର୍ଯ୍ୟ ଯୋଗୁ ସାଧାରଣ ଖାଉଟିମାନେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଲୋକପ୍ରତିନିଧିମାନେ ପଚାରିଲେ ସେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବାରୁ ବିଜେଡି ଏବେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି। ନିରପେକ୍ଷ ତଦନ୍ତ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମୂହ ଧାରଣା ଦେବାକୁ ବାଧ୍ୟ ହେବ ବୋଲି ଦଳ ସ୍ପଷ୍ଟ କରିଛି। ଦାବିପତ୍ରର ଏକ ନକଲ ଭଦ୍ରକ ଜିଲା ଏସ୍‌ପିଙ୍କ ନିକଟକୁ ପଠାଯାଇଛି। ବିଡିଓ ଅନୁପସ୍ଥିତ ଥିବାରୁ ଏବିଡିଓ ଶର୍ମିଷ୍ଠା ମଲିକଙ୍କ ଜରିଆରେ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ସାହୁ, ସମିତିସଭ୍ୟ ସୁଦୀପ୍ତ ଖଟୁଆ, ଜ୍ଞାନରଞ୍ଜନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଯୋଗାଣ ନିରୀକ୍ଷକ ରସାନନ୍ଦ ସାହୁ କହିଛନ୍ତି, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। କାହାରିକୁ କିଛି ମଗାଯାଉ ନାହିଁ। ପ୍ରକାଶଥାଉ କି, ଗତ ୧୫ ତାରିଖରେ ବ୍ଲକ ରିଟେଲର ସଂଘ ପକ୍ଷରୁ ବ୍ଲକ ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ଏକ ଅଭିଯୋଗ ପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ଜବରଦଖଲ ଉଚ୍ଛେଦ: ଭଙ୍ଗାଗଲା ୧୭ ଘର

ବାସୁଦେବପୁର,୧୭।୪(କାଳିପଦ ରାୟ)

ବାସୁଦେବପୁର ପୌରପାଳିକା ଅଧୀନ ୧୦ ନଂ. ୱାର୍ଡରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଠାରେ ଥିବା ୧୭ ଘର ଭଙ୍ଗାଯାଇଛି। ସୂଚନା ଅନୁଯାୟୀ, ବାସୁଦେବପୁର କୋର୍ଟର ୫୦ ଡିସିମିଲ ଜାଗା ଉପରେ ୧୭ ପରିବାର ଦୀର୍ଘଦିନ ଧରି ଗୃହ ନିର୍ମାଣ କରି ବସବାସ କରିଆସୁଥିଲେ। ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘଦିନ ତଳେ କୋର୍ଟରୁ ନୋଟିସ ଜାରି ହୋଇଥିଲେ ମଧ୍ୟ ଜବରଦଖଲ ହଟି ନ ଥିଲା। ଶୁକ୍ରବାର ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ରାଉତରାୟ, ବାସୁଦେବପୁର ଥାନାଧିକାରୀ ନିରୋଜ କୁମାର ସାମଲ, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସୁଜାତା



ବାସୁଦେବପୁର ପୌରପାଳିକା ୧୦ ନଂ. ୱାର୍ଡରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଖମାରି, ନାୟକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ଉପସ୍ଥିତିରେ ବୁଲ୍‌ଡୋଜର ଲଗାଇ ଜବରଦଖଲ ହଟାଇ ଦିଆଯାଇଛି। ଅପରପକ୍ଷେ ଉଚ୍ଛେଦ ହୋଇଥିବା ପରିବାର ଥଇଥାନ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ହାଇୱା ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ବନ୍ତ,୧୭।୪
(କିଶୋର କୁମାର ସେଠୀ)

ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ବନ୍ତ ଥାନା ଅଧୀନ ଜାମିତିରା ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ହାଇୱା ପଛରେ ପିଟିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ତ ଥାନା ଅଧୀନ ଚଣ୍ଡୀପୁର ଗାଁର ଓସିମ ଅକ୍ରମ ଖାଁ (୪୫)। ସୂଚନା ଅନୁଯାୟୀ, ୫୩ ନଂ. ରାଜ୍ୟ ରାଜପଥରେ ନୋ-ଏଣ୍ଟ୍ରି କଟକଣା ଯୋଗୁ ଏକ ବାଲି ବୋଝେଇ ହାଇୱା ରାସ୍ତାକଡ଼ରେ ଅଟକି ରହିଥିଲା। ଓସିମ ବାଇକ୍‌ରେ ଆନନ୍ଦପୁର ପଟୁ ନିଜ ଘର ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ହାଇୱା ପଛରେ ପିଟି ହୋଇଥିଲେ। ଖବରପାଇ ବନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ରାଜପଥ କଡ଼ରେ ବେଆଇନ ଭାବେ ଗାଡ଼ି ପାର୍କିଂ କରାଯାଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବନ୍ତ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତି, ଭାରପ୍ରାପ୍ତ ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ, ସରପଞ୍ଚ ପ୍ରତିନିଧି ଜ୍ୟୋତିରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ମୁସ୍ତାକ ଅଲ୍ଲୀ ଖାଁଙ୍କ ଉପସ୍ଥିତିରେ ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ବାପାଙ୍କୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

## 'ନୀତି, ନୈତିକତା ଶିକ୍ଷାର ଅଂଶ ହେଉ'

### ରାଧାବଲ୍ଲଭପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ବାସୁଦେବପୁର,୧୭।୪(କାଳିପଦ ରାୟ/
ନାରାୟଣ ପ୍ରସାଦ ବାରିକ୍)

ନୀତି ଓ ନୈତିକତା ଶିକ୍ଷାର ଅଂଶ ହେଉ। ଛାତ୍ରୀଛାତ୍ର ନୀତି, ନୈତିକତାର ଶିକ୍ଷା ଲାଭ କଲେ ଭଲ ମଣିଷ ହୋଇପାରିବେ ବୋଲି ବାସୁଦେବପୁର ପୌରାଞ୍ଚଳ ରାଧାବଲ୍ଲଭପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ବିଧାୟକ ଅଶୋକ କୁମାର ଦାସ କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ବିଧାୟକ ଏହି ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ପାରିଷଦ ଭକ୍ତ ରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ଖିଲାର, ରେବତୀ ଷେଣ୍ଡ,



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ପ୍ରଦାନ ଓ ବିବରଣୀ ପାଠ କରିଥିବା ବେଳେ ସ୍ୱର୍ଣ୍ଣ ଜୟନ୍ତୀ କମିଟିର ସଭାପତି ରାଜୀବ ବେହେରା ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ବୈଲୋଚନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବସନ୍ତ ବାରିକ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କ୍ଲଷ୍ଟରସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱର୍ଗତ ଶିକ୍ଷକ ଶ୍ୟାମସୁନ୍ଦର ମହାନ୍ତି ଓ ମିନାକ୍ଷୀ ପାଣିଗ୍ରାହୀଙ୍କୁ ମରଣୋତ୍ତର ସମ୍ବର୍ଦ୍ଧନା ଦିଆଯାଇଥିଲା।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ



ଭଦ୍ରକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଭଦ୍ରକ,୧୭।୪(ସନାତନ ରାଉତ)

ଭଦ୍ରକ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବିଜେଡିର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ବିଜେଡି ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ପୂର୍ବତନ ଟାଉନ ସଭାପତି ଆଇନଜୀବୀ ତାହେର ମହମ୍ମଦ, ପାରିଷଦ ଅଞ୍ଜନ ଜେନା, ସାହିଦ ଖାନ, ପାରିଷଦଙ୍କ ପ୍ରତିନିଧି ପଙ୍କଜ ବଳ, ଅତିସ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ପାରିଷଦ ଗୋପୀନାଥ ନାୟକ, ମହେଶ୍ୱର ନାଥ, ଅର୍ଣ୍ଣପାଳ ସରପଞ୍ଚଙ୍କ ପ୍ରତିନିଧି ସୁଧାକର ମହାଳିକ, ପୂର୍ବତନ ସରପଞ୍ଚ ଶଶଧର ନାୟକ, ନାଏବ ସରପଞ୍ଚ ରାଜଲକ୍ଷ୍ମୀ ଦାସ, ନାରୀନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର, ବରିଷ୍ଠ ନେତା ବାବୁଲା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସାହାପୁରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ନଦୀ ଘାଟରେ ତିଳତର୍ପଣ କରାଯାଇଥିଲା। ପରେ ସହରରେ ଥିବା ବିଜୁ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା କାର୍ଯ୍ୟାଳୟରେ 'ବିଜୁ ବାବୁଙ୍କ ଦେଶପ୍ରେମ ଏବଂ ଓଡ଼ିଶା ବିକାଶରେ ତାଙ୍କ ଅବଦାନ' ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା।

**ବନ୍ତ,(ହରିନାରାୟଣ ମହାନ୍ତି):** ବନ୍ତ ବ୍ଲକ ତୋଡଗାଁ ଅମର କଲ୍ୟାଣ ମଣ୍ଡପଠାରେ ବିଜେଡି ପକ୍ଷରୁ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ବନ୍ତ ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ବ୍ଲକ ଯୁବ ସଭାପତି ଲଳିତ ରାଉତ, ବନ୍ତ ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ପୂର୍ବତନ ଜିଲା ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଚିତ୍ତ ରଞ୍ଜନ ଦାସ, ପୂର୍ବତନ ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ବେହେରା, ଅକ୍ଷୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବନ୍ତ ହାଟସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତୃତ୍ୱମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ବାସୁଦେବପୁର,(କାଳିପଦ ରାୟ):** ବାସୁଦେବପୁର ପୌରାଞ୍ଚଳ ବିଜେଡି କାର୍ଯ୍ୟାଳୟଠାରେ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଆଧୁନିକ ଓଡ଼ିଶା ଗଠନରେ ବିଜୁ ବାବୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କହିଥିଲେ। ପାରିଷଦ ଚନ୍ଦନ ସେନ, ମାନସ ରଞ୍ଜନ ସାହୁ, ପୌର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଚିନ୍ମୟ କୁମାର ବାରିକ, ଜିଲା ପରିଷଦ ସଭ୍ୟ ଯଦୁମଣି ଜେନା, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ, ଆରୁହା ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ଚୂଡ଼ାମଣି ସରପଞ୍ଚ ଅଗଣୀ ଜେନା, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ଛାତ୍ର ନେତା କାଳନ୍ଦୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରାଧାବଲ୍ଲଭପୁରଠାରେ ଥିବା ଜରାଶ୍ରମରେ ଶୁଖିଲା ଖାଦ୍ୟ ଓ ଫଳ ବଣ୍ଟନ କରାଯାଇଥିଲା।

**ଚାନ୍ଦବାଲି (ରତିକାନ୍ତ ବାରିକ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଶୁକ୍ରବାର ଚାନ୍ଦବାଲି ଏନ୍‌ଏସି ବିଜୁ ସ୍ମୃତି ଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। 'ବିଜୁ ବାବୁଙ୍କ ଦେଶପ୍ରେମ ଏବଂ ଓଡ଼ିଶା ବିକାଶରେ ଅବଦାନ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଜୁ ବାବୁ ଓଡ଼ିଶା ବିକାଶର ବିଧାଣୀ ଓ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବୋଲି ଚାନ୍ଦବାଲି ବିଧାୟକ ତଥା ଜିଲା ବିଜେଡି ସଭାପତି ଡ. ବ୍ୟୋମକେଶ ରାୟ କହିଥିଲେ। ବ୍ଲକ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମିନତି ସୂତାର, ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ବଳ, ପୂର୍ବତନ ଜିଲା ପରିଷଦ ସଭାପତି ଦ୍ୱିଜବର ରାଉତ, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ବରିଷ୍ଠ ନେତା ବିଶ୍ୱକେଶରୀ ମହାନ୍ତିଙ୍କ ସମେତ ଜନପ୍ରତିନିଧିମାନେ ସ୍ମୃତିଚାରଣ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଧାମନଗର (ଦୀନକୃଷ୍ଣ ମହାପାତ୍ର):** ଧାମନଗର ନଗର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ବିଜୟ କେତନ ସାହୁଙ୍କ ତତ୍ତ୍ୱାବଧାନରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ପଥପ୍ରାନ୍ତ ସଭାରେ ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନ୍‌ଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକଙ୍କ ସମେତ କାଉନସିଲର, ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ତିହିଡ଼ି (ସଞ୍ଜିତ ବଳ):** ତିହିଡ଼ିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ବିଜୁ ପଟ୍ଟନାୟକଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଅଲ୍ଲୀନଗରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକଙ୍କ ପୌରୋହିତ୍ୟରେ ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଧାମନଗରର ବରିଷ୍ଠ ନେତା ଡା. ସଞ୍ଜୟ



ଭଣ୍ଡାରିପୋଖରୀଠାରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଓ ଅନ୍ୟମାନେ।

କୁମାର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତଲତା ନାୟକ, ଆଇନଜୀବୀ ଚିନ୍ତାମଣି ଦାସ, ପୂର୍ବତନ ସରପଞ୍ଚ କମଳାକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ କୈଳାସ ପରିଡ଼ା, ସମିତିସଭ୍ୟ ଜୀବନଜ୍ୟୋତି ପଳାଇ, ରଘୁନାଥ ମଲ୍ଲିକ, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ତିହିଡ଼ି ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ଭଣ୍ଡାରିପୋଖରୀ (ରାଜେନ୍ଦ୍ର ଶତପଥୀ):** ବିଜେଡିର ଭଣ୍ଡାରିପୋଖରୀ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ଜିଲା ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବିରେନ୍ଦ୍ର ନାୟକ, ସୁରେନ୍ଦ୍ର ପାଲ, ଲଳିତ ରାଉତ, ଦକ୍ଷିଣବାଡ଼ ସରପଞ୍ଚ ବର୍ଷାରାଣୀ ଯେନା, ରାଜେନ୍ଦ୍ରପୁର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ନିର୍ଗୁଣ୍ଡି ସରପଞ୍ଚ ସତ୍ୟରଞ୍ଜନ ପାଲ, ସମିତିସଭ୍ୟ ଜଗତଜୀବନ ବାରିକ ପ୍ରମୁଖ ବ୍ଲକ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଦଳ ପକ୍ଷରୁ ଫଳ ପ୍ରଦାନ କରାଯାଇଥିଲା।

**ଧୁଷୁରୀ (ଦୀପ୍ତିରଞ୍ଜନ ନାୟକ):** ଧାମନଗର ବ୍ଲକ ଧୁଷୁରୀ ପୂଜ୍ୟପୂଜ୍ୟା ସଂସଦରେ ଶୁକ୍ରବାର ସନ୍ଧ୍ୟାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ କରାଯାଇଥିଲା। ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ବ୍ୟୋମକେଶ ରାୟ, ନିର୍ବାଚନମଣ୍ଡଳୀ ନେତା ସଞ୍ଜୟ ଦାସ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଯେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ଅଜୟ ମଲ୍ଲିକ, ସିତାକାନ୍ତ ମିଶ୍ର, ନରେନ୍ଦ୍ର ନାରାୟଣ ନାୟକ, ଧୁଷୁରୀ ସେବା ସମବାୟ ସଭାପତି ସନ୍ଦୀପ ସ୍ୱାଇଁଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଧାମନଗର ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଧାମନଗର,୧୭।୪(ଦେବେନ୍ଦ୍ର ଆଢ଼ିଆ/
ସନ୍ତୋଷ କୁମାର ମହାପାତ୍ର)

ଧାମନଗର ମହାବିଦ୍ୟାଳୟରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଜୟ କୁମାର ବେଜ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଏନ୍‌ସିସି, ଯୁବ ରେଡ୍‌କ୍ରସ ଓ ଏନ୍‌ଏସ୍‌ଏସ୍ ପକ୍ଷରୁ ଆୟୋଜିତ ଶିବିରରେ ମୋଟ ୨୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏନ୍‌ସିସି ଅଫିସର ଆଶୀର୍ବାଦ ମହାନ୍ତି, ଯୁବ ରେଡ୍‌କ୍ରସ ଅଫିସର ଦେବାଶିଷ ମଲିକ ଓ ଏନ୍‌ଏସ୍‌ଏସ୍ ପିଓ ଡ. ମନୋଜ କୁମାର କର ପରିଚାଳନା କରିଥିଲେ। ଜିଲା ରେଡ୍‌କ୍ରସ ଶାଖାର ରତିକାନ୍ତ ବଳ ଓ ଚାରିଜଣିଆ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଶତାଧିକ ଏନ୍‌ସିସି, ୱାଇଆର୍‌ସି, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହାୟତା କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ଜଉ କଣ୍ଢେଇ ପ୍ରଶିକ୍ଷଣ

ବନ୍ତ,୧୭।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ପଳାସଗଡିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜଉ କଣ୍ଢେଇ ପ୍ରଶିକ୍ଷଣ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଛି। ୬୦ ଛାତ୍ରୀଛାତ୍ର ପ୍ରଶିକ୍ଷାର୍ଥୀ ଭାବେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜଉ କଣ୍ଢେଇର ଉଦ୍ଧାରକ ବିଶିଷ୍ଟ ଶିଳ୍ପୀ କେସୁ ଦାସ ଯୋଗଦେଇ ଭାରତୀୟ କଣ୍ଢେଇର କଳା, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡ ଶିବିର ମାଧ୍ୟମରେ ଛାତ୍ରୀଛାତ୍ରଙ୍କର ଜ୍ଞାନକୌଶଳ ଏବଂ ସୃଜନଶୀଳତାର ବିକାଶ ହୋଇଥାଏ ବୋଲି କହିଥିଲେ। କଳା ଶିକ୍ଷୟିତ୍ରୀ ଜ୍ୟୋସ୍ନାପ୍ରିୟା ବିଶ୍ୱାଳଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଶିକ୍ଷକ ରତିକାନ୍ତ ପଣ୍ଡା ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ଜୟନ୍ତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଜଉ କଣ୍ଢେଇ ଶିଳ୍ପୀ ତଥା ପ୍ରଶିକ୍ଷିକା ମାୟା ନାୟକ ଓ ରଞ୍ଜିତା ବେହେରା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଶିକ୍ଷକ ରଶ୍ମୀରଞ୍ଜନ ଓଝା, ବିଭୂଦତ୍ତ ନନ୍ଦ, ସମର କୁମାର ପରିଡ଼ା, ସନ୍ତୋଷ ବିଶ୍ୱାଳ, ଅଶୋକ ମଲ୍ଲିକ, ପ୍ରହ୍ଲାଦ ମହାକୁଡ, ଅବିନାଶ ତ୍ରିପାଠୀ, ବେଦବ୍ୟାସ ମଲ୍ଲିକ, ବିଶାଖା ଲେଙ୍କା, ଅମ୍ବିକା ଜେନା, ଭାଗ୍ୟଶ୍ରୀ ମହାନ୍ତ, ଅନନ୍ୟା ବିଶ୍ୱାଳ, ଜଲିନା ସାହୁ, ନୋଇଦ୍ କାଦ୍ରୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।



ଶିବିରରେ ଛାତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି।

# ଗଛକଟାକୁ ନେଇ ଏନ୍‌ଜିଟିରେ ମାମଲା

## ବାରିପଦା ଜୁବିଲି ପାର୍କ, ଝିଞ୍ଜିରି ପୋଖରୀ ସୌନ୍ଦର୍ଯ୍ୟକରଣ

ବାରିପଦା,୧୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜୁବିଲି ପାର୍କ ଓ ଝିଞ୍ଜିରି ପୋଖରୀ ସୌନ୍ଦର୍ଯ୍ୟକରଣ ପାଇଁ ଅନଧିକୃତ ଭାବେ ଶତାଧିକ ଗଛ କଟା ଯାଇଥିବା ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୂର୍ବାଞ୍ଚଳ ବେଞ୍ଚ କୋଲକାତାରେ ମାମଲା ରୁଜୁ ହୋଇଛି। କେନ୍ଦ୍ରାପଡ଼ାର ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଏନେଇ ଅଭିଯୋଗ କରିଛନ୍ତି। ଆବେଦନ ନମ୍ବର ଓଏ ୯୭/୨୦୨୬ର ଏହି ମାମଲାରେ ଓଡ଼ିଶା ସରକାର, ବାରିପଦା ମ୍ୟୁନିସିପାଲିଟି, ବାରିପଦା ଡିଏଫ୍‌ଓ ଓ ଠିକାଦାର କମ୍ପାନୀ ଏନ୍‌ଏସିଓଏଫ୍‌କୁ ପକ୍ଷଭୁକ୍ତ କରାଯାଇଛି।

ସୂଚନାଯୋଗ୍ୟ, ବାରିପଦା ମ୍ୟୁନିସିପାଲିଟି ଓ ଠିକାଦାର ନ୍ୟାସନାଲ ଫେଡରେଶନ ଅଫ୍ ଫାର୍ମର୍ସ ପ୍ରୋକ୍ୟୁରମେଣ୍ଟ, ପ୍ରୋସେସିଂ ଆଣ୍ଡ ରିଟେଲିଂ କୋ-ଅପରେଟିଭ ଅଫ ଇଣ୍ଡିଆ ଲିମିଟେଡ (ଏନ୍‌ଏସିଓଏଫ୍) ମିଳିମିଶି ଖାତା ନମ୍ବର ୭୪, ପ୍ଲଟ ନମ୍ବର ୨୧୩ ଓ ୨୩୦ ଏବଂ ଖାତାନଂ. ୭୧, ପ୍ଲଟନଂ. ୨୦୩ରେ ଜଙ୍ଗଲ-୧ ଶ୍ରେଣୀର ଥିବା ଜମିରୁ ଗଛ କଟା ଆରମ୍ଭ କରିଛନ୍ତି। ଏହି ସ୍ଥାନଟି 'ପକ୍ଷୀ ବିହାର' ନାମରେ ପରିଚିତ ଏବଂ ଅନେକ ହଜାର ପକ୍ଷୀଙ୍କ ଆଶ୍ରୟସ୍ଥଳ ଥିଲା। ଫରେଷ୍ଟ ଡିପାର୍ଟମେଣ୍ଟ କିମ୍ବା ମନ୍ତ୍ରଣାଳୟର ଅନୁମତି ବିନା ଚେନ୍ସ ଓ ଜେସିବି ମେଶିନ ବ୍ୟବହାର କରି ଗଛ କଟା ଓ ସଫାସୁତୁରା କରାଯାଇଛି । ଗଛ କାଟିବା ପାଇଁ ଫରେଷ୍ଟ କଞ୍ଜରଭେସନ ଆକ୍ଟ ୧୯୮୦, ବନ ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ଅଧିନିୟମ ୨୦୨୩ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅନୁମତି ନେଇ ନ ଥିବା ସହ ଡିଏଫ୍‌ଓ ବାରିପଦାଙ୍କ ଅନୁମତି ବି ନେଇ ନାହାନ୍ତି। ବନ ବିଭାଗ ପକ୍ଷରୁ କୌଣସି ଅନୁମତି ପ୍ରଦାନ କରାଯାଇ ନାହିଁ ବୋଲି ବାରିପଦା ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଥିଲେ। ଏନେଇ ସ୍ଥାନୀୟ ଲୋକ ଓ ପରିବେଶବିତ୍‌ମାନେ ପ୍ରତିବାଦ କରିଥିଲେ। ଯାହାକୁ ନେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ଏହି ଘଟଣା ବିସ୍ତୃତ ଭାବେ ପ୍ରକାଶିତ ହୋଇଥିଲା।

ଆବେଦନରେ ଉଲ୍ଲେଖ କରାଯାଇଛି ଯେ, ଜଙ୍ଗଲ ଓ ଅଣ ଜଙ୍ଗଲ ଉଭୟ ଜମି ଥିଲେ ଅଣ ଜଙ୍ଗଲ ଜମିରେ ମଧ୍ୟ କାର୍ଯ୍ୟ ଆରମ୍ଭ କରିହେବ ନାହିଁ। ମାତ୍ର ବାରିପଦାରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଏଏଫସିସି) ଆଦେଶ ଓ ସୁପ୍ରିମ କୋର୍ଟ ଆଦେଶ ଏବଂ ବାୟୋଡାଇଭର୍ସିଟି ଆକ୍ଟ ୨୦୦୨ର ଉଲ୍ଲଙ୍ଘନ ହୋଇଥିବା ଦର୍ଶାଯାଇଛି। ଗଛ କଟା ଓ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା, ଜମିକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବା, ବାରିପଦା ମ୍ୟୁନିସିପାଲିଟିରେ ବାୟୋଡାଇଭର୍ସିଟି ମ୍ୟାନେଜମେଣ୍ଟ କମିଟି ଓ ପିପଲ୍ସ ବାୟୋଡାଇଭର୍ସିଟି ରେଜିଷ୍ଟର ସ୍ଥିତି ଉପରେ ରିପୋର୍ଟ ମାଗିବା ପାଇଁ ଆବେଦନକାରୀଙ୍କ ପକ୍ଷରୁ କୋର୍ଟକୁ ପ୍ରାର୍ଥନା କରାଯାଇଛି। ସେହିପରି ବାୟୋଡାଇଭର୍ସିଟି ଆକ୍ଟ ୨୦୦୨ ଅନୁଯାୟୀ ଏହି ସ୍ଥାନକୁ ବାୟୋଡାଇଭର୍ସିଟି ହେରିଟେଜ ସାଇଟ ଘୋଷଣା କରିବା ପାଇଁ ଓଡ଼ିଶା ଷ୍ଟେଟ ବାୟୋଡାଇଭର୍ସିଟି ବୋର୍ଡକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଦାବି କରାଯାଇଛି । ଏହି ମାମଲା ୭ ଏପ୍ରିଲରେ ଦାଖଲ ହୋଇଥିବା ବେଳେ ଆବେଦନରେ ଅନ୍ତରୀଣ ରିଲିଫ ମଧ୍ୟ ପ୍ରାର୍ଥନା କରାଯାଇଛି। ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀମାନେ ୨୮ କୋଟି ଟଙ୍କାର ଏହି ପ୍ରକଳ୍ପରେ ଗଛ କଟା ବନ୍ଦ କରି ପରିବେଶ ସୁରକ୍ଷା ପାଇଁ ଦାବି କରିଛନ୍ତି। ଏହି ଆବେଦନ ଏନ୍‌ଜିଟି ଆକ୍ଟର ଧାରା ୧୪, ୧୫ ଓ ୨୦ ଅନୁଯାୟୀ ଦାଖଲ ହୋଇଛି। ଆବେଦନକାରୀଙ୍କ ତରଫରୁ ଓକିଲ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ମାମଲା ପରିଚାଳନା କରୁଛନ୍ତି।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ


ବେତନଟୀଠାରେ ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଉଦଳା/ ରାଇରଙ୍ଗପୁର/ ବେତନଟୀ/ ବୈଶିଙ୍ଗା, ୧୭।୪ (ସନ୍ତୋଷ କୁମାର ବାଛିନୀ/ମାନସ ମହାନ୍ତି/ଧରଣୀଧର ମହାନ୍ତି/ ରତନ ଦାଶ)

ଉଦଳାସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟାଳୟଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ସଭାପତିତ୍ୱରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବରିଷ୍ଠ ନେତା ନରେନ୍ଦ୍ର ମୋହନ ରାଉତ, ପୂର୍ବତନ ଏନଏସି ଚେୟାରମ୍ୟାନ ମନୋଜ କୁମାର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଅମୀୟ କୁମାର ବଳ, ପ୍ରତାପ ସାହୁ, ବନମାଳୀ ବେହେରାଙ୍କ ସମେତ ଦଳର ଶତାଧିକ ନେତୃମଣ୍ଡଳୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ

ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ବିଜୁଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ରାଇରଙ୍ଗପୁରସ୍ଥିତ ପିସିଏମ କଲ୍ୟାଣୀ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ମୟୂରଭଞ୍ଜ (୨) ଶାଖା ସଂଗଠନର କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁଙ୍କ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ସୁଦାମ ଚରଣ ମାର୍ଣ୍ଡି, ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଏବଂ ଉପାଧ୍ୟକ୍ଷା ମମିତା ଚୌଧୁରୀ, ମହିଳା ସଂଗଠନର ସଭାନେତ୍ରୀ ତନୁଜା ମହାନ୍ତ ପ୍ରମୁଖ୍ୟ ଯୋଗଦେଇ ଥିଲେ। ସହରାଞ୍ଚଳସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳିଜ୍ଞାପନ କରାଯାଇଥିଲା।

ବେତନଟୀ ଜାତୀୟ ରାଜପଥ ଡାକ ବଙ୍ଗଳାଠାରେ ବ୍ଲକ ବିଜେଡି ସଭାପତି ରାଜୀବ ସେନାପତିଙ୍କ ଅଧ୍ୟକ୍ଷତାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅନୁଷ୍ଠିତ ହଇଯାଇଛି। ଏହି କାର୍ଯ୍ୟକ୍ରମରେ ବେତନଟୀ ୩୫ନଂ. ଜୋନ ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ୩୬ନଂ. ଜୋନ ଜିଲା ପରିଷଦ ସଦସ୍ୟା ସବିତା ଦାସ, ୩୭ନଂ. ଜୋନ ଜିଲା ପରିଷଦ ଧାନୀ କିସ୍କୁ, ଜ୍ୟୋତି ସାମଲ, ସୁଶାନ୍ତ ବଳା, ହରେକୃଷ୍ଣ ବେହେରା, ରାଜେନ ଦାସ, ଶ୍ରୀଧର ପଣ୍ଡିତ, ପରେଶ ବେହେରା, ସୁନ୍ଦର ମହାନ୍ତ, ତପନ ଭାଇ, କିଶୋର କୁମାର ନାୟକ, ଚିନୁ ନନା ଓ ବ୍ଲକ ଛାତ୍ର ବିଜେଡି ସଭାପତି ମନୀଷ କୁମାର ଗିରିଙ୍କ ସମେତ ମାନୁ ସାହୁ,ସୌରଭ ପରିଡା, ଅମର ପଣ୍ଡା, ଜୀବନ ଦାଶ, ସଞ୍ଜୟ ହାଁସଦା, ଆଶିଷ ବେହେରା, ଭୀଷ୍ମ ମହାନ୍ତ, ଡାକ୍ତର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବେତନଟୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ନୂତନ ପ୍ରବର୍ତ୍ତନ, ଉଦ୍ୟୋଗୀ ପ୍ରତିଯୋଗିତା

ଗୋପବନ୍ଧୁ ନଗର,୧୭।୪
(ଶାନ୍ତନୁ କୁମାର ମଣ୍ଡୁଆଳ)

ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ନୂତନ ପ୍ରବର୍ତ୍ତନ ଓ ନୂଆ ଉଦ୍ୟୋଗୀ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁବଳ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବେତନଟୀସ୍ଥିତ ଦହିକୋଟି ଅଞ୍ଚଳର ଯୁବ ଉଦ୍ୟୋଗୀ ଦୀପକ କୁମାର ସାହୁ ଓ ମଧୁସ୍ମିତା ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କୁଶଳୀ ଏବଂ କର୍ମଯୋଗୀ ହେବାର ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଭାତ କୁମାର ସେନାପତି, ଅଶ୍ୱିନୀ କୁମାର ପ୍ରଧାନ, ଅଶ୍ୱିନୀ କୁମାର ଘୋଷ ପ୍ରମୁଖ ଯୋଗଦେଇ କୁଶଳୀ ହେବାକୁ ବିଭିନ୍ନ ଦିଗ ଦେଖାଇଥିଲେ। ଛାତ୍ରୀଛାତ୍ରମାନେ ୫୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ବିଦାୟ ସମ୍ବର୍ଦ୍ଧନା ସମାରୋହ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ।

ବାରିପଦା,୧୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ସମାରୋହ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛ। ସହକାରୀ ପ୍ରଫେସର ଡ. ଶିଶିର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମବର୍ଷର ଛାତ୍ରୀଛାତ୍ରମାନେ ଦ୍ୱିତୀୟ ବର୍ଷର ବିଦ୍ୟାର୍ଥୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହିଅବସରରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ସେମାନଙ୍କର ସମ୍ବର୍ଦ୍ଧନାର ଅଭିଭାଷଣ ପ୍ରଦାନ କଲାବେଳେ ବିଦାୟୀ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ବିଗତ ଦିନର ବିଶ୍ୱବିଦ୍ୟାଳୟର ସ୍ମୃତିରାଜିକୁ ଉପସ୍ଥାପନ କରିବା ସହ ସ୍ମୃତି ଉପହାର ପ୍ରଦାନ କରିଥିଲେ। ବିଭାଗୀୟ ସରକାରୀ ପ୍ରଫେସର ଡ.ବିଚିତ୍ରନାଥ ସାହୁ, ଡ. ବିନ୍ଧେଶ୍ୱରୀ କଳିଆ, ଅଧ୍ୟାପକ ରାଜକୁମାର ପାତ୍ର, ଅଧ୍ୟାପକ ହୃଷିକେଶ ମହାନ୍ତ ଅଭିଭାଷଣ ରଖିଥିଲେ। ପ୍ରଥମ ବର୍ଷର ଛାତ୍ର ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଉଭୟ ବର୍ଷର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବନ୍ଦ ପାଳନ ନେଇ ବିଜେଡିର ପ୍ରସ୍ତୁତି

ରାଇରଙ୍ଗପୁର, ୧୭।୪(ମାନସ ମହାନ୍ତି)

ରାସଗୋବିନ୍ଦ ବ୍ଲକ ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟଖାଇ ଛାତ୍ରୀ ରୂପାଲି ବେଶ୍ରାଙ୍କ ମୃତ୍ୟୁ ଘଟଣାକୁ ନେଇ ଶନିବାର ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରିବା ପାଇଁ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ଉପସଭାପତି ସୁବାସ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ପରେଶ ମୁଣ୍ଡା ଏବଂ ଯବୁ ସଂଗଠନ ନେତା ବିଶ୍ୱଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୩୫ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମୁର୍ଗାବାଡିସ୍ଥିତ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଅନାଦି ବିନ୍ଧାଣି, ସାମାଜିକ କର୍ମୀ ଅମର କୁମାର ସେଠି ଓ ସୋମନାଥ ସିଂହ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଅଧ୍ୟକ୍ଷ ଡାକୁଆ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ବେହେରା ଓ ଜଗେଶ୍ୱର ଘୋଷ ମହାପାତ୍ର ତଥା ଶିକ୍ଷକ ପ୍ରଶିକ୍ଷକ ଭବେଶ ଚନ୍ଦ୍ର ଦେହୁରୀ, ଦିଲ୍ଲୀପ କୁମାର ସିଂ, ସୂର୍ଯ୍ୟେନ୍ଦୁ ଦାସ, ସଞ୍ଜୀବ କୁମାର ପାତ୍ର ଓ ସେକ୍ସନ ଅଫିସର ବନ କୁମାରୀ ସିଂ ପ୍ରମୁଖ ରକ୍ତଦାନ କରି ଛାତ୍ରୀଛାତ୍ରମାନଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଅନେକ ଛାତ୍ରୀଛାତ୍ର ଉତ୍ସାହର ସହ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ । ଶିକ୍ଷକ ପ୍ରଶିକ୍ଷିକା ଲିପିକା ଦାସ, ସାଗରିକା ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବାରିପଦା ଶିରିଡ଼ି ସାଇ ପୀଠର ରଜତ ଜୟନ୍ତୀ

ବାରିପଦା,୧୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରସାହିସ୍ଥିତ ଶିରିଡି ସାଇ ପୀଠର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ଅଭିଷେକ ହୋମ ଓ ପ୍ରସାଦ ବଣ୍ଟନ ପରେ ଗୁରୁଜୀ ଡ.ଚନ୍ଦ୍ରଭାନୁ ଶତପଥୀ ମନ୍ଦିରରେ ଉପସ୍ଥିତ ରହି ଦିବ୍ୟାଙ୍ଗ ପିଲାଙ୍କୁ ଅନ୍ନ,ବସ୍ତ୍ର ଓ ହୁଇଲ ଚେୟାର ପ୍ରଦାନ କରିଥିଲେ। ଉପସ୍ଥିତ ଭକ୍ତମାନଙ୍କୁ ଗୁରୁଜୀ ମନ୍ଦିରର ଇତିହାସ ବିଷୟରେ ବିସ୍ତୃତ ଭାବରେ କହିଥିଲେ। ଗୁରୁଜୀଙ୍କ ମାତା ସ୍ୱର୍ଗତ ହର୍ଷମଣି ଶତପଥୀ ମନ୍ଦିର ପ୍ରତିଷ୍ଠା ପାଇଁ ଜାଗା ଦେଇଥିବା ବେଳେ ଓଡ଼ିଶା ତଥା ଓଡ଼ିଶା ବାହାରର ବହୁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କ୍ରମେ ଏହି ମନ୍ଦିର ଗଢ଼ିଉଠିଥିଲା। ୨୦୦୧ ଏପ୍ରିଲ ୧୪ରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେହିଦିନଠାରୁ ମନ୍ଦିରରେ ନିୟମିତ ପୂଜା, ଆରତୀ, ପାଲିଙ୍କି ଶୋଭାଯାତ୍ରା ଆଦି ହୋଇ ଆସୁଥିବା ଗୁରୁଜୀ ପ୍ରକାଶ କରିଥିଲେ। ସନ୍ଧ୍ୟା ସମୟରେ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ସଂସ୍କୃତିକ କାର୍ଯ୍ୟକ୍ରମ ମନଛୁଆଁ ହୋଇଥିଲା। ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ତରଫରୁ ନଟରାଜ, ମହିଷାସୁର ମର୍ଦ୍ଦିନୀ ନୃତ୍ୟ ପରିବେଷଣ କରାଯାଇଥିଲା। ହରିହର କଳାମନ୍ଦିର ତରଫରୁ ଗୁରୁଜୀଙ୍କ ରଚିତ ଗୀତରେ ସୁନ୍ଦର ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ବିହାର ସରକାରଙ୍କ ପ୍ରମୁଖ ଶାସନ ସଚିବ ଅରବିନ୍ଦ ଚୌଧୁରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜସ୍ୱ ବୋର୍ଡର ସଦସ୍ୟ ସତ୍ୟବ୍ରତ ସାହୁ , ମେଜର ଚଣ୍ଡୀ ପ୍ରସାଦ ମହାନ୍ତି, ପୂର୍ବତନ ୟୁପିଏସି ସଚିବ ରାଜୀବ ଯୋଶୀ, ଆର୍‌ପିଏଫ୍‌ର ଡିଜି ତଥା ଆମେରିକାର ଅରୁଣ କୁମାର, ଦିଲ୍ଲୀ ଓ ଉତ୍ତରାଖଣ୍ଡରୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। କଟକ, ଭୁବନେଶ୍ୱର, ସମ୍ବଲପୁର, ବରଗଡ଼, ବାଲେଶ୍ୱରରୁ ଅନେକ ସାଇ ଭକ୍ତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୋମନାଥ ସିଂହ ପରିଚାଳନା କରିଥିଲେ।

# ବେଆଇନ ସୁଧ କାରବାର

## ବନ୍ଧକ ଥିବା ୨୦ ଗାଡ଼ି ମାଲିକଙ୍କୁ ଫେରାଇଲା ପୋଲିସ

ବୈଶିଙ୍ଗା,୧୭।୪ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଗୁରୁବାର ରାତି ୯ଟା ସମୟରେ ପୋଲିସ ଚଢ଼ାଉ କରି ବେଆଇନ ଭାବେ ରଖାଯାଇଥିବା ବିଭିନ୍ନ କମ୍ପାନୀର ୧୯ଟି ବାଇକ୍ ଓ ଗୋଟିଏ ଡିଜେଲ ଅଟୋ ଜବତ କରିଛି।

ସୂଚନା ଅନୁଯାୟୀ, ଗ୍ରାମର ଅଜିତ କୁମାର ଦାସ ବେଆଇନ ଭାବେ ଲୋକଙ୍କଠାରୁ ଗାଡ଼ି ବନ୍ଧକ ରଖି ଟଙ୍କା ସୁଧରେ ଦେଇଥାନ୍ତି। ତଦନ୍ତ ସମୟରେ ଗାଡ଼ି ବନ୍ଧକ ଦେଇଥିବା ନେଇ ଗାଡ଼ି ମାଲିକଙ୍କ ଲିଖିତ ଚୁକ୍ତିନାମା ପୋଲିସ ନିକଟରେ ଉପସ୍ଥାପନ କରିଥିଲେ ଅଜିତ। ସେହି ଚୁକ୍ତିନାମା ଗୁଡିକ ବାବଦରେ ଶୁକ୍ରବାର ଟିକିନିଖି ଯାଞ୍ଚ କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୧୮୬/୨୬) ରୁଜୁ କରିଛି। ଗାଡ଼ି ମାଲିକମାନଙ୍କୁ ଥାନାକୁ ଡକାଇ ବନ୍ଧକ ରଖିଥିବା ଗାଡ଼ିଗୁଡ଼ିକ ସେମାନଙ୍କୁ ଫେରାଇ ଦେବାକୁ ପଦକ୍ଷେପ ନିଆଯାଉଥିବା କହିଛନ୍ତି ଥାନାଧିକାରୀ ବାରିଣୀ ଦାସ। ଅଟକ ଥିବା ଅଜିତଙ୍କୁ ନୋଟିସ ଜାରି କରି ଥାନାରୁ ଜାମିନରେ ଛଡ଼ା ଯାଇଥିବା ପୋଲିସ ସୂଚନା ଦେଇଛି।

# ପ୍ରସଙ୍ଗକୁ ଅପ୍ରସଙ୍ଗ କରିବାରେ ଭାଜପା ମାହିର : ଯୁବ କଂଗ୍ରେସ

ମୋରଡ଼ା,୧୭।୪ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡାଠାରେ ଶୁକ୍ରବାର ମୋରଡ଼ା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ଖବରଦାତା ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସାଧରଣ ସମ୍ପାଦକ ଅଭିଜିତ ଜେନା ଯୋଗଦେଇ ସରକାର ଓ ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପରେ ବର୍ଷିଥିଲେ। ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୧୪୬ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିବା ବେଳେ ରୂପାଲି ବେଶ୍ରା ନାମକ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମନ୍ତ୍ରୀ ମହାପାତ୍ର ନିଜ ନିର୍ବାଚନମଣ୍ଡଳୀର କଥା ବୁଝି ପାରୁ ନ ଥିବା ବେଳେ ପଶ୍ଚିମବଙ୍ଗ ନିର୍ବାନରେ ବ୍ୟସ୍ତ ବୋଲି ଜେନା ଅଭିଯୋଗ କରିଛନ୍ତି। ବର୍ତ୍ତମାନର ଭାଜପା ସରକାର ଭାଷଣ ବାଜି ମାରିବାରେ ବ୍ୟସ୍ତ ଓ ପ୍ରସଙ୍ଗକୁ ଅପ୍ରସଙ୍ଗ କରିବାରେ ମାହିର ବୋଲି ମଧ୍ୟ କହିଛନ୍ତି। ଆସନ୍ତା ଏପ୍ରିଲ ୨୦ ତାରିଖ ସୁଦ୍ଧା ମନ୍ତ୍ରୀ ମହାପାତ୍ର, ସ୍ୱାସ୍ଥ୍ୟ ମନ୍ତ୍ରୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଯଦି ନୈତିକତା ଦୃଷ୍ଟିରେ ଇସ୍ତଫା ଦିଅନ୍ତୁ ବା ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବରଖାସ୍ତ କରନ୍ତୁ ବୋଲି ଜେନା କହିଛନ୍ତି। ନଚେତ ୨୧ ତାରିଖଠୁ ଯୁବ କଂଗ୍ରେସ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବ ଏବଂ ଆଗାମୀ ଦିନରେ ବନ୍ଦ ଡାକରା ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ଛାତ୍ର ସମ୍ପାଦକ ଅସିତ କୁମାର ବେହେରା, ଛାତ୍ର ସଭାପତି ଶୁଭ କୁମାର ମହାନ୍ତ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଯୁବ କଂଗ୍ରେସ ନେତାମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# 'ଜିଲା ବନ୍ଦ ଡାକରା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ'

## ଅଭିଯୋଗ କଲା ଭାଜପା

ବାରିପଦା,୧୭।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଅନୁସୂଚୀତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟର ଛାତ୍ରୀ ରୂପାଲୀ ବେଶ୍ରା(୧୨) ମୃତ୍ୟୁ ଘଟଣାକୁ ନେଇ ବିଜେଡି ପକ୍ଷରୁ ୧୮ ତାରିଖରେ ମୟୂରଭଞ୍ଜ ଜିଲା ହରତାଳ(ବନ୍ଦ)ଡାକରା ଦିଆଯାଇଛି। ତେବେ ଏହି ବନ୍ଦ ଡାକରା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଭାଜପା କହିଛି। କୌଣସି କାରଣ ନ ଥାଇ ନିଶ୍ଚିହ୍ନ ହେବାକୁ ଯାଉଥିବା ଦଳକୁ ବଞ୍ଚାଇବା ପାଇଁ ବିଜେଡି ହୀନ ପ୍ରୟାସ କରୁଛି ବୋଲି ଭାଜପା ପକ୍ଷରୁ ଶୁକ୍ରବାର ଆହୂତ ଖବରଦାତା ସମ୍ମିଳନୀରେ ଜିଲା (ପୂର୍ବ) ସଭାପତି ନିହାର ରଞ୍ଜନ ମୋଦି କହିଛନ୍ତି। ଏହାକୁ ମୟୂରଭଞ୍ଜବାସୀ କେବେ କ୍ଷମା କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ୧୪୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ନିକଟସ୍ଥ ରାସଗୋବିନ୍ଦପୁର ଓ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ରୂପାଲୀଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସରକାରଙ୍କ ତତ୍ପରତା ଓ ସହାୟତା ଘଟଣା ପରେ ମୟୂରଭଞ୍ଜ ଜିଲାପାଳ, ଏସପି ଓ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଡାକ୍ତରଖାନାକୁ ଯାଇ ପରିବାରକୁ ସମବେଦନା ଜଣାଇବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ଲକ୍ଷ, ଏକ୍ସ ଗ୍ରାସିଆରୁ ୨ଲକ୍ଷ ଓ ରେଡକ୍ରସରୁ ୨ଲକ୍ଷ ମିଶାଇ ମୋଟ ୭ଲକ୍ଷ ଟଙ୍କା ସହାୟତା ରାଶି ମୃତ ଛାତ୍ରୀଙ୍କ ପରିବାରକୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆରଡିସିନ୍ତରୀୟ ତଦନ୍ତ ଓ କଟକ ବଡଡାକ୍ତରଖାନାରେ ଏକ ବିଶେଷଜ୍ଞ ଟିମ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି। ସରକାର ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଉଥିବା ବେଳେ ବିରୋଧୀ ଦଳ ମୃତକଙ୍କ ପରିବାରକୁ ନେଇ ରାଜନୈତିକ ଉଦ୍ଦେଶ୍ୟ ରଖି ବିଭ୍ରାଟ କରିବାରେ ଲାଗିଛି । ଶବ ସତ୍କାର ପାଇଁ ସରକାରୀ ବ୍ୟବସ୍ଥା ହୋଇଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ କାକବନ୍ଧ ସ୍କୁଲ ପରିସରରେ ଆମ୍ବୁଲାନ୍ସକୁ ୧୭ଘଣ୍ଟା ଅଟକାଇବା ସହ ପୋଲିସ ଉପରେ ଆକ୍ରମଣ କରିବା ଭଳି ହିଂସାତ୍ମକ କାର୍ଯ୍ୟ କରିବା ନିନ୍ଦନୀୟ ବୋଲି ଭାଜପା ନେତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର, କୋଷାଧ୍ୟକ୍ଷ ପରେଶ ଚନ୍ଦ୍ର ମହାନ୍ତ, ଜିଲା ମୁଖପାତ୍ର ନରୋତ୍ତମ ପାଣିଗ୍ରାହୀ, ସଭାନେତ୍ରୀ ଶୋଭାବତୀ ଓତା, ମମତା ମଣ୍ଡଳ, ସୂରଜ ଲୋହାର, ବୀର କିଶୋର ପଟ୍ଟନାୟକ ଓ ନିରଞ୍ଜନ ଦାଶ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଆଦିବାସୀଙ୍କ ମଧ୍ୟରେ ଫାଟ ସୃଷ୍ଟି କରାଯାଉଛି : ଭାଜପା


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ମୋରଡ଼ା/ରାସଗୋବିନ୍ଦପୁର,୧୭।୪
(ସ୍ମାରକ ମାଜୀ/ସତ୍ୟବାଦୀ ପରିଡା)

ରାସଗୋବିନ୍ଦପୁର କାକବନ୍ଧ ଆଶ୍ରମ ବିଦ୍ୟାଳୟର ଘଟଣାକୁ ନେଇ ଅଞ୍ଚଳରେ ରାଜନୀତି ସରଗରମ ହୋଇଛି। ୧୮ ତାରିଖରେ ବିଜୁ ଜନତା ଦଳ ବନ୍ଦ ଡାକରା ଦେଇଥିବା ବେଳେ ମୋରଡା ବ୍ଲକ ଅଧୀନ ଚିତ୍ରଡ଼ାରେ ଯୁବ କଂଗ୍ରେସ ଏକ ଖବରଦାତା ସମ୍ମିଳନୀ କରି ଭାଜପାକୁ କଡ଼ା ସମାଲୋଚନା କରିଛି। ସେହିପରି ଅପରାହ୍ନ ୪ଟାରେ ଭାଜପା ପକ୍ଷରୁ ରାସଗୋବିନ୍ଦପୁରରେ ମଧ୍ୟ ଏକ ଖବରଦାତା ସମ୍ମିଳନୀ ଡକାଯାଇ ବିରୋଧୀ ଦଳକୁ ତୀବ୍ର ସମାଲୋଚନା କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ଜିଲା ସମ୍ପାଦକ ପୁରୁଷୋତ୍ତମ ଦେଙ୍କ ସହିତ ଅନ୍ୟ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ। ବିରୋଧୀ ଦଳଗୁଡ଼ିକ ଆଦିବାସୀଙ୍କ ଭିତରେ ଫାଟ ସୃଷ୍ଟି କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଅନ୍ୟପକ୍ଷରେ ସିଧାସଳଖ କଂଗ୍ରେସକୁ ଟାର୍ଗେଟ କରିଛନ୍ତି ପ୍ରଦୀପ ମହାନ୍ତି। ଯେଉଁ ଦଳର କୌଣସି ଅସ୍ତିତ୍ୱ ନାହିଁ ସେ ଦଳ ବାବଦରେ ଟିପ୍ପଣୀ ଦେବା ଶୋଭନୀୟ ନୁହେଁ ବୋଲି ସେ କହିଛନ୍ତି।

## ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଖାଲିପଡ଼ିଛି ବିଶେଷଜ୍ଞ ପଦବୀ

ବାଲିଆପାଳ, ୧୭।୪(ରାଜଶ୍ରୀ ପାଣିଗ୍ରାହୀ)



ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଇଡକୋ ଛକ ନିକଟସ୍ଥ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟା ମଧ୍ୟରେ ଛନ୍ଦି ହୋଇପଡ଼ିଛି। ଦୀର୍ଘଦିନ ଏଠାରେ ବିଶେଷଜ୍ଞ ଡାକ୍ତର ପଦବୀଗୁଡ଼ିକ ଖାଲି ପଡ଼ିଥିବାରୁ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲିଆପାଳ ବ୍ଲକ ସମେତ ବସ୍ତା, ଜଳେଶ୍ୱର, ଭୋଗରାଇ ବ୍ଲକର ୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ ନିର୍ଭର କରିଥାନ୍ତି। ଭିତ୍ତିଭୂମି ଅନୁଯାୟୀ ୧୬ଟି ଶଯ୍ୟା ରହିଛି। ହସ୍ପିଟାଲର ପଞ୍ଜୀକରଣ ଅନୁସାରେ ପ୍ରାୟ ପ୍ରତ୍ୟେକ ଦିନ ୪୦୦ ରୁ ୫୦୦ ଶହ ରୋଗୀ ଏଠାକୁ ଆସିଥାନ୍ତି। ମାତ୍ର ବିଶେଷଜ୍ଞଙ୍କ ଅଭାବରୁ କେବଳ ପ୍ରାଥମିକ ସେବା ଯୋଗାଇ ଦେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି।

ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପ୍ରଚେଷ୍ଟାରେ ୧୯୯୫ ମସିହାରେ ଗଢ଼ି ଉଠିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ୧୫ଟି ଏଲଟିଆରଏମ, ୪ଟି ବିଶେଷଜ୍ଞ, ଗୋଟିଏ ସୁପରିଣ୍ଟେଣ୍ଡେଣ୍ଟ, ଗୋଟିଏ ବିପିଏଚଓ ପଦବୀ ମଞ୍ଜୁର ହୋଇଥିଲା। ବର୍ତ୍ତମାନ ସ୍ଥାୟୀ ପଦବୀରେ ଜଣେ ଡେଣ୍ଟିଷ୍ଟ, ୪ଜଣ ଏଲଟିଆର୍‌ଏମ ବିଶେଷଜ୍ଞ ପଦବୀ ମଧ୍ୟରୁ ୩ଟି ଫାଙ୍କା ରହିଥିବା ବେଳେ ଶିଶୁ ବିଭାଗର ଜଣେ ଡାକ୍ତର ରହିଛନ୍ତି। ଗୋଟିଏ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିକଟସ୍ଥ ପ୍ରତାପପୁର ହସ୍ପିଟାଲ୍‌ରେ କାର୍ଯ୍ୟରତ ଶିଶୁ ବିଶେଷଜ୍ଞ ଡ. ପ୍ରୀତମ କୁମାର ସାହୁ ୨ ହସ୍ପିଟାଲରେ ପାଳି କରି ରୋଗୀ ଦେଖିବା ସହିତ ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଆସୁଛନ୍ତି। ଏହାବ୍ୟତୀତ ବ୍ଲକ ପ୍ରୋଗ୍ରାମ ହେଲ୍‌ଥ ଅଫିସର ଭାବେ କେହି ନ ଥିଲା ବେଳେ ସାହୁ ମଧ୍ୟ ସେ ଦାୟିତ୍ୱ ତୁଲାଉଛନ୍ତି। ଗର୍ଭବତୀମାନଙ୍କର ସୁବିଧା ପାଇଁ ଅନ୍ୟ ବ୍ଲକରୁ ଡେପୁଟେଶନରେ ସପ୍ତାହକୁ ଥରେ ସ୍ତ୍ରୀ ପ୍ରସୂତି ବିଭାଗରୁ ଡାକ୍ତର ଆଣି ରୋଗୀମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ରୋଗ ଚିହ୍ନଟରେ ପ୍ରାଥମିକ ସ୍ତରରେ ପରୀକ୍ଷା କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ଅଲଟ୍ରାସାଉଣ୍ଡ ମେଶିନ ରହିଛି, ମାତ୍ର ଟେକ୍ନିସିଆନ ଅଭାବରୁ ସବୁ ଅଚଳ ହୋଇପଡ଼ିଛି। କେବଳ ସପ୍ତାହରେ ୨ ଦିନ ଜଣେ ଟେକ୍ନିସିଆନ ଆସୁଥିବାରୁ ଗର୍ଭବତୀମାନଙ୍କର ଅଲଟ୍ରାସାଉଣ୍ଡ କରାଯାଇଥାଏ। ଏଠାରେ ପ୍ରଶ୍ନ ଉଠୁଛି ସରକାର ସ୍ୱାସ୍ଥ୍ୟ ବିଭାଗକୁ ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଜିଲା ପ୍ରଶାସନର ଏଭଳି ବୈମାତୃକ ମନୋଭାବ ପୋଷଣକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଆବଶ୍ୟକ ଅନୁଯାୟୀ ଡାକ୍ତର ଓ ଟେକ୍ନିସିଆନ ପଦବୀ ପୂରଣ କରାଯାଉ ବୋଲି ଦାବି ହେଉଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସାହୁ କହିଛନ୍ତି ବାଲେଶ୍ୱର ସିଡିଏମଓଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି।

## ନିରାଡମ୍ବରରେ ପାଳିତ ହେଲା ଶ୍ରାଦ୍ଧବାର୍ଷିକୀ

ନୀଳଗିରି, ୧୭।୪(ପ୍ରଶାନ୍ତ କୁମାର ବିଶ୍ୱାଳ)

ଶୁକ୍ରବାର ନୀଳଗିରିରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ପାଳନ କରାଯାଇଥିବା ବେଳେ ଶଙ୍କରାଖୁଣ୍ଟା ପୋଖରୀରେ ତିଳତର୍ପଣ ଅର୍ପଣ କରାଯାଇଥିଲା। ପରେ ନୀଳଗିରି ବାଇପାସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଶହ ଶହ ବିଜୁ ପ୍ରେମୀ ମାଲ୍ୟାର୍ପଣ କରିଥିଲେ। ପରେ ଏକ ସାଧାରଣ ସଭାରେ ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବିଜୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବିଜେଡି ନେତା ଗଙ୍ଗାଧର ମିଶ୍ର, ରବୀନ୍ଦ୍ର ପରିଡ଼ା, ବ୍ଲକ ସଭାପତି ରାଜୀବ କୁମାର ଦାସ ବାବୁ, ନଗର ସଭାପତି ଅଚ୍ୟୁତ ପ୍ରଧାନ, ସରପଞ୍ଚ କୁଳମଣି ନାୟକ, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ମହାନ୍ତି ବିଜୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସରେ ତିଳତର୍ପଣ


ବାଲିଘାଟଠାରେ ତିଳତର୍ପଣ କରାଯାଉଛି।

ବାଲେଶ୍ୱର, ୧୭।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧଦିବସ ପାଳନ ଅବସରରେ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ସହରର ବାଲିଘାଟଠାରେ ତିଳତର୍ପଣ କରାଯାଇଥିଲା। ପରେ ବାରବାଟୀ ଛକରେ କାଉନସିଲର ମୀନା ମହାନ୍ତିଙ୍କ ଦ୍ୱାରା ଖୋଲାଯାଇଥିବା ଜଳଛତ୍ରକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହାବାଦ ଫାଣ୍ଡି ଛକ ଏବଂ ଡିଆଇସି ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ବିଜୁ ଜନତା ଦଳ ଓଡ଼ିଶା ମାଟିର ସେବାରେ ସଦା ସମର୍ପିତ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବରିଷ୍ଠ ବିଜେଡି ନେତା ରଞ୍ଜନ ବାଗ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ଟାଉନ ବିଜେଡି ସଭାପତି ମନୋଜ ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, କାଉନସିଲର ମୀତା ପଟ୍ଟନାୟକ, କବିତା ମର୍ମୁ, ସନ୍ଧ୍ୟାରାଣୀ ଜେନା, ଶଶିରେଖା ମହାନ୍ତି, ସେକ ଆୟୁବ, କାର୍ତ୍ତିକ ସାହୁ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସାକିର ଖାନ, ରମେଶ ମାଝି, ସଞ୍ଜୟ ବେହେରା, ନଳିନୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର ଜିଲା ଓକିଲ ସଂଘ ପକ୍ଷରୁ ସହରର ଫାଣ୍ଡି ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ୨୯ତମ ମହାପ୍ରୟାଣ ଦିବସରେ ଆଇନଜୀବୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଆଇନଜୀବୀମାନେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଓକିଲ ସଂଘର ଉପଦେଷ୍ଟା ଅରୁଣ କୁମାର ବେହେରା, ସଂଘ ସଭାପତି ମନୋଜ କୁମାର ନାୟକ, ସହ ସମ୍ପାଦକ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ଆଇନଜୀବୀ ଅବନୀ ଦାସ, ମାନଗୋବିନ୍ଦ ସେଠୀ, ସଦାନନ୍ଦ ମହାନ୍ତି, ଚକ୍ରଧର ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସାମାଜିକ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ୮ ଦିନ ପରେ ବି ଅଭିଯୁକ୍ତ ଫେରାର


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ସୁଦର୍ଶନ ଦାସ ଓ ଅନ୍ୟମାନେ।

ଜଳେଶ୍ୱର, ୧୭।୪(ନବୀନ ସାହୁ)

ବେଆଇନ ବାଲି ଉତ୍ତୋଳନର ପ୍ରତିବାଦ କରି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଜଳେଶ୍ୱର ବ୍ଲକ ସେକସରାଇ ଅଞ୍ଚଳର ସାମାଜିକ କର୍ମୀ ହରିପଦ ମାନ୍ନା। ଚୋରା ବାଲି ଖାଦାନକୁ ବିରୋଧ କରିବାରୁ ବାଲିଚାଲାଣକାରୀମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ସେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଘଟଣାକୁ ୮ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିପାରିନି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ମହମ୍ମଦ ନଗରପାଟଣା ପଞ୍ଚାୟତର ଚାଲନ୍ତି ହନୁମାନ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସୁଦର୍ଶନ ଦାସ ପୋଲିସ ଓ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଦାସ ଅଭିଯୋଗ କରିଛନ୍ତି ଯେ, ହରିପଦଙ୍କ ପରିବାର ପ୍ରତି ବିପଦ ଥିବାନେଇ ପୂର୍ବରୁ ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ବାଲେଶ୍ୱର ଏସ୍‌ପିଙ୍କୁ ସୁରକ୍ଷା ପାଇଁ ପତ୍ର ଲେଖାଯାଇଥିଲା। ମାତ୍ର ସୁରକ୍ଷା ଅଭାବରୁ ଏପ୍ରିଲ ୧୦ରେ ଚୋରା ଚାଲାଣକାରୀମାନେ ଏହି କାଣ୍ଡ ଘଟାଇଲେ। ସମ୍ମିଳନୀରେ ବେଆଇନ ବାଲି ଖନନ ତୁରନ୍ତ ବନ୍ଦ କରିବା, ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଛି। ଏଥିରେ ଜିଲା ସଂଯୋଜକ ମଧୁସୂଦନ ଦାସ, ବ୍ଲକ ସଭାପତି ହେମନ୍ତ ଗିରିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

## ତହସିଲ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା

ଜଳେଶ୍ୱର, ୧୭।୪(ନବୀନ ସାହୁ)

ଜଳେଶ୍ୱର ତହସିଲ ଅଧୀନ ଶିଖରପୁର ପଞ୍ଚାୟତରେ ଥିବା ସରକାରୀ ଲିଜ ବାଲି ଖାଦାନରୁ ବେଆଇନ ବାଲି ଉତ୍ତୋଳନ ନେଇ ଶୁକ୍ରବାର ସକାଳେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ରାଜପୁର, ବାଘାବାଲି, ଖାଡେଶ୍ୱରପୁର, ଶେଖବାର୍ଡ ଅଞ୍ଚଳବାସୀ ଯୋଗ ଦେଇଥିଲେ। ସଭାରେ କିଶୋର ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ଜଣେ ଲିଜ୍‌ଧାରୀ ୩୫୦୦ ମିଟର ବାଲି ଉତ୍ତୋଳନ ପାଇଁ ଆଦେଶ ପାଇଥିବା ବେଳେ ସେ ୪ଲକ୍ଷ କ୍ୟୁବିକ୍ ବାଲି ଉତ୍ତୋଳନ କରିସାରିଛନ୍ତି। ତେଣୁ ସେହି ଅଞ୍ଚଳ ବାଲି ନ ଥିବା ହେତୁ ଗତ ୧ମାସ ହେବ ରାଜପୁର, ବାଘାବାଲି, ଖାଡେଶ୍ୱରପୁର, ଶେଖବାର୍ଡ ଅଞ୍ଚଳରୁ ବାଲି ଉତ୍ତୋଳନ କରୁଛନ୍ତି ଏବଂ ଏବେ ସେହି ଅଞ୍ଚଳରୁ ଗଭୀର ପାଣି ଉପରେ ହୋମପାଇପ ବସେଇ ରାସ୍ତା ତିଆରି କରି ବାଲି ଉତ୍ତୋଳନ କରୁଛନ୍ତି। ଲିଜ୍‌ଧାରୀଙ୍କ ଟେଣ୍ଡର ବାତିଲ କରାଯିବା ସହିତ ଆର୍ଥିକ ଦଣ୍ଡ, ଫୌଜଦାରୀ ମାମଲା ରୁଜୁ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ରବିନାରାୟଣ ମିଶ୍ର, ସିଦ୍ଧାର୍ଥ ଶଙ୍କର ପାଲ, ସମୀର ପାତ୍ର, ଚିନ୍ମୟ ଦାସ, ଶୁକମଣି ମାରାଣ୍ଡି, ରାଧାରାଣୀ ଦାସ, ସାଇବାଣୀ ଦାସଙ୍କ ସହିତ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତାପ କୁମାର୍ ପ୍ରଧାନ, ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ ସମର୍ଥନ ଜଣାଇଥିଲେ। ତାଙ୍କ ସହ ଅଞ୍ଚଳବାସୀ ଧାରଣାରେ ବସିଥିଲେ। ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ ପ୍ରତିବାଦସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତିବାଦ ସଭା ବନ୍ଦ ହୋଇଥିଲା।

# ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟସ୍ତରୀୟ ସେବା ଶିବିର

ଭୋଗରାଇ, ୧୭।୪(ପ୍ରଦୀପ ଦାସ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ ଓ ଗାଇଡସ ଏବଂ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଚନ୍ଦନେଶ୍ୱର ଚଡ଼କ ମେଳାରେ ୫ ଦିନିଆ ରାଜ୍ୟସ୍ତରୀୟ ସେବା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସଭାରେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା ମାଧ୍ୟମରେ କିପରି ଆମେ ଉପଯୁକ୍ତ ସମାଜ ଗଠନ କରିପାରିବା ସେ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣା, ବିଶିଷ୍ଟ ଅତିଥି ଭାବେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପ୍ରଶାସନିକ ଅଧିକାରୀ ଜଗଦୀଶ ଚନ୍ଦ୍ର ଗିରି ଯୋଗଦେଇ ରୋଭର ଓ ରେଞ୍ଜରମାନଙ୍କର ଶୃଙ୍ଖଳା ଓ ସହନଶୀଳତା ଓ ସେବା ମନୋଭାବକୁ ଖୁବ୍ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ରେମୁଣା ମହାବିଦ୍ୟାଳୟର ରୋଭର ସ୍କାଉଟ ଲିଡର ଗୋପୀନାଥ ଦାସ, କରଞ୍ଜିଆ ମହାବିଦ୍ୟାଳୟର ରୋଭର ସ୍କାଉଟ ଲିଡର ବିଭୂତି ଭୂଷଣ ମହାନ୍ତ, ପୂର୍ବତନ ବାଲେଶ୍ୱର ଜିଲା ଏନଏସଏସ ଅଧିକାରୀ ଗୌରାଙ୍ଗ ପଣ୍ଡା, ସାମାଜିକ କର୍ମୀ ସୁମନ୍ତ କୁମାର ଜେନା, ସତ୍ୟନାରାୟଣ ମିଶ୍ର ପ୍ରମୁଖ ଛାତ୍ରୀଛାତ୍ରମାନେ କିପରି ଆଗାମୀ ଦିନରେ ସମାଜ ପ୍ରତି ଦାୟିତ୍ୱବାନ ଓ ଯତ୍ନବାନ ହୋଇପାରିବେ ସେ ସମ୍ପର୍କରେ ଉପଦେଶ ଦେଇଥିଲେ। ପ୍ରାରମ୍ଭରେ ରୋଭର୍ ସ୍କାଉଟ ଲିଡର୍ ଡ. ଧୀରେନ୍ଦ୍ର କୁମାର ଜେନା ଶିବିରର ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ଅନୁଷ୍ଠାନର ରେଞ୍ଜର ଲିଡର ପ୍ରୀତିରାଣୀ ସେଠୀ ଧନ୍ୟବାଦ ଦେଇଥିଲେ।

# ସଙ୍ଗୀତର ଯାଦୁରେ ମତୁଆଲା ଦର୍ଶକ


ଅତିଥିମାନେ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଖଇରା, ୧୭।୪(ଉତ୍କଳବନ୍ଧୁ ପଣ୍ଡା)

### ସାରୁଗାଁ ମହୋତ୍ସବର ତୃତୀୟ ସନ୍ଧ୍ୟା

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଉଡାପଡିଆରେ ଚାଲିଥିବା ଆମ ସାରୁଗାଁ ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟା ଗୀତନାଚ ସାଙ୍ଗକୁ ସଭା ସମ୍ବର୍ଦ୍ଧନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ ଓ ବନ୍ଦେ ମାତରମ କଲଚରାଲ ଆସୋସିଏଶନର କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ପରେ ମହୋତ୍ସବ କମିଟି ସଭାପତି ରଘୁନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ମୁଖ୍ୟଅତିଥି, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ମୁଖ୍ୟବକ୍ତା, ଯାତ୍ରା କଳାକାର ବିଷ୍ଣୁ ମହାପାତ୍ର, ଆଇନଜୀବୀ ଯୁଧିଷ୍ଠିର ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଜୟନ୍ତ କୁମାର ଦାଶ ବିବରଣୀ ପାଠ କରିଥିଲେ। ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସମର୍ପିତ ଜିବାନନ୍ଦ ମହାପାତ୍ର, ଶିଶୁ ନୃତ୍ୟଶିଳ୍ପୀ ଆରାଧ୍ୟା ମହାପାତ୍ର ଓ ପ୍ରତୀକ ବିଶ୍ୱାଳଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କଣ୍ଠଶିଳ୍ପୀ ଏସ୍. ଜିତୁ ଓ ସୌଜନ୍ୟା ରଥଙ୍କ କଣ୍ଠର ଯାଦୁ ଓ ଟୁକୁନା ଷ୍ଟାଇଲିଷ୍ଟଙ୍କ କମେଡି ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। କମିଟି ସଦସ୍ୟ ସ୍ୱାଧୀନ ନାୟକ, ଭାଗିରଥି ଲେଙ୍କା, ତାପସ ପରିଡା ଓ ଗୋପୀନାଥ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରାଦ୍ଧଦିବସରେ ବାହାରିଲା ଶୋଭାଯାତ୍ରା

ସୋର, ୧୭।୪(ଜନ୍ମେଜୟ ମିଶ୍ର)

ସୋର ବିଜେଡି ତରଫରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ବିଧାୟକ ମାଧବ ଧଡାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ବିଜୁପ୍ରେମୀମାନେ ଏକ ଶୋଭାଯାତ୍ରା ସାଜନପୁର ପଞ୍ଚାୟତରୁ ବାହାରି କାଂଶବାଂଶ ନଦୀର ଗାନ୍ଧିଘାଟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ଏଥିରେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଲିକ, ଜିଲାପରିଷଦ ସଦସ୍ୟ ଜୟରାମ ଦାସ, ବିଜେଡି ବ୍ଲକ ସଭାପତି ଶଙ୍କର୍ଷଣ ବାରିକଙ୍କ ସମେତ ସୋର ମ୍ୟୁନିସପାଲିଟି ଓ ବ୍ଲକର ସମସ୍ତ ପଞ୍ଚାୟତରୁ ଶତାଧିକ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## କଳିଙ୍ଗ ବୀରଙ୍କ ସ୍ମୃତିଚାରଣ କଲେ ବିଜେଡି କର୍ମୀ

ଖଇରା, ୧୭।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇର ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ତଥା ବିଜେଡି କର୍ମୀଙ୍କ ଦ୍ୱାରା ଖଇରା ଦୁର୍ଗାମଣ୍ଡପରେ ବିଜୁ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ବିଜୁବାବୁଙ୍କ ସମେତ ଗାନ୍ଧୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବ୍ଲକ ସଭାପତି ରାଜେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିଜୁବାବୁ ପ୍ରଚେଷ୍ଟାରେ ଓଡ଼ିଶାରେ ହୋଇଥିବା ପ୍ରଗତି ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସୁଷମା ମହାପାତ୍ର ଓ ଉମାକାନ୍ତ ମହାରଣା, ସମିତିସଭ୍ୟ ନଳିନୀ କୁମାର ସାହୁ, ସରପଞ୍ଚ ମାଳତୀ ସେଠୀ, ଜୟନ୍ତୀ ପତି ଓ ରତ୍ନାକର ଦଳେଇ, ସମିତିସଭ୍ୟା ପ୍ରତିନିଧି ଜିତେନ୍ଦ୍ର ବେହେରା, ବିଜୟ ବାରିକ, ରବୀନ୍ଦ୍ର ମହାନ୍ତି, ବିଶ୍ୱଭୂଷଣ ପ୍ରଧାନ, ଅନନ୍ତ ପ୍ରସାଦ ବାରିକ, କମଳ ଲୋଚନ ଜେନାଙ୍କ ସମେତ ବହୁ କର୍ମୀ ଯୋଗଦେଇ ବିଜୁବାବୁଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ।


ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ସିଏମ୍ ଟ୍ରଫି ଭଲିବଲ ପ୍ରତିଯୋଗିତା

# ଇନ୍ଟ୍ରା ଗ୍ରୀନ୍ ବିଜେତା, ଇନ୍ଟ୍ରା ରେଡ୍ ଉପବିଜେତା


ଉଦ୍‌ଘାଟନୀ ମ୍ୟାଚ୍‌ରେ ଖେଳାଳିଙ୍କ ସହ ଅତିଥି ଓ ରେଫରି।

ବାଲେଶ୍ୱର, ୧୭।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ପରମିଟ୍ ପଡ଼ିଆଠାରେ ଜିଲା ପ୍ରଶାସନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା କ୍ରୀଡ଼ାସଂଘର ମିଳିତ ସହଯୋଗରେ ଶୁକ୍ରବାର ସିଏମ୍ ଟ୍ରଫି-୨୦୨୬ ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଜରୁରୀକାଳୀନ ଅଧିକାରୀ ସାଇକ୍ରିଷ୍ଣ ଜେନା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡାସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପସଭାପତି ଜଗଦୀଶ ଚନ୍ଦ୍ର ବେହେରା, ଅମର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ (ଭଲିବଲ) ଜନ୍ମେଜୟ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ଥିବା କ୍ରୀଡ଼ାପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏହି କ୍ରୀଡ଼ା ମହୋତ୍ସବର ମୁଖ୍ୟ ଲକ୍ଷ୍ୟ। ଜାତୀୟ ଓ ରାଜ୍ୟସ୍ତରୀୟ ରେଫେରିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ଇନ୍ଟ୍ରା ଗ୍ରୀନ ବିଜେତା ହୋଇଥିବା ବେଳେ ଇନ୍ଟ୍ରା ରେଡ ଉପବିଜେତା ହୋଇଥିଲେ। ଏହି ପ୍ରତିଯୋଗିତାରୁ ମନୋନୀତ ଖେଳାଳି ରାଜ୍ୟସ୍ତରୀୟ କ୍ରୀଡ଼ାରେ ଜିଲା ତରଫରୁ ପ୍ରତିନିଧିତ୍ୱ କରିବେ।

# ଭଙ୍ଗା କାନ୍ଥକୁ ଜରିପାଲ

ସୋର, ୧୭।୪(ଜନ୍ମେଜୟ ମିଶ୍ର)

### ଦୟନୀୟ ଅବସ୍ଥାରେ ଆର୍‌ଆଇ ଅଫିସ


ସୋର ତହସିଲର ୧ ନମ୍ବର ସଦର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ।

ସୋର ପୌରାଞ୍ଚଳ ଅଧୀନ ଛତ୍ରପୁରଠାରେ ଥିବା ସୋର ତହସିଲର ୧ ନମ୍ବର ସଦର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଛପର ଭାଙ୍ଗିବା ପରେ ଜରିପାଲ ପକାଇ ଅଫିସ କାର୍ଯ୍ୟ ଚାଲୁଛି। ଲୋକମାନଙ୍କର ମୂଲ୍ୟବାନ ଜମିବାଡି ରେକର୍ଡ ଥିବା ବେଳେ ଯେକୌଣସି ମୁହୂର୍ତ୍ତରେ ବର୍ଷା ଝଡ଼ ହେଲେ ଏହି ରେକର୍ଡ ନଷ୍ଟ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। ୧୯୮୭ ମସିହାରେ ଏହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିଜସ୍ୱ ୯ ଡିସିମିଲ ଜାଗା ଉପରେ ସ୍ଥାପିତ ହୋଇଥିଲା। ଏହି କାର୍ଯ୍ୟାଳୟରେ ଜଣେ ଆର୍‌ଆଇ, ୭ଜଣ କର୍ମଚାରୀଙ୍କ ପଦବୀ ଥିବା ବେଳେ ଏଠାରେ ଜଣେ କର୍ମଚାରୀଙ୍କୁ ନେଇ ଆର୍‌ଆଇ କାର୍ଯ୍ୟ ଚଳାଉଛନ୍ତି। ଏହା ସୋର ତହସିଲର ପ୍ରଥମ ଓ ଏହା ଅଧୀନରେ ସୋର ପୌରପାଳିକା ସହିତ କିଛି ପଞ୍ଚାୟତ ରହିଛି। ଏହି ଅଫିସରେ କମ୍ପ୍ୟୁଟର ଓ ଆସବାବପତ୍ର ନ ଥିବାରୁ କର୍ମଚାରୀମାନେ ଠିକ୍ ସମୟରେ ଲୋକମାନଙ୍କୁ ସେବା ଦେବାରେ ଅକ୍ଷମ ହୋଇଛନ୍ତି। ରାଜ୍ୟ ସରକାର ଲୋକମାନଙ୍କୁ ତୁରନ୍ତ ଜମିବାଡି ସେବା ଯୋଗାଇବା ପାଇଁ ବହୁମୂଲ୍ୟ କୋଠାଘର ଓ ଅତ୍ୟାଧୁନିକ ଯନ୍ତ୍ରପାତି ଲଗାଉଥିବା ବେଳେ ସୋର ଭଳି ସଦର ଆର୍‌ଆଇ ଅଫିସ ଘର ନ ଥିବା ପରିତାପର ବିଷୟ ହୋଇଛି। ଏ ସମ୍ପର୍କରେ ଆର୍‌ଆଇ ଦେବୀପ୍ରସାଦ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଯେକୌଣସି ସମୟରେ ବର୍ଷା ଝଡ଼ ହେଲେ ରେକର୍ଡ ନଷ୍ଟ ହୋଇପାରେ, ଏସବୁ ଅସୁବିଧା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ଏପରିକି ଏଠାରେ ଅନଲାଇନ କାର୍ଯ୍ୟ କରିବା ଲାଗି କମ୍ପ୍ୟୁଟର ନ ଥିବା ବେଳେ ନିଜ କମ୍ପ୍ୟୁଟରରେ କାର୍ଯ୍ୟ ଚଳାଇଛନ୍ତି। ତୁରନ୍ତ ଏହି ସମସ୍ୟା ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ଆନନ୍ଦପୁର,୧୭।୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଥାନା ଅଞ୍ଚଳର ମାର୍କଣ୍ଡ ସାହୁ(୪୬)। ଅଭିଯୁକ୍ତ ଗୁରୁବାର ମହିଳାଙ୍କୁ ବାରମ୍ବାର ଫୋନ୍ କରିଥିଲେ। ଫୋନ୍ ନ ଉଠାଇବାରୁ ମହିଳାଙ୍କ ଘରକୁ ଯାଇ ବାହାରକୁ ଆସ କାମ ଅଛି ବୋଲି କହିଥିଲେ। ମହିଳା ବାହାରକୁ ଆସିବା ପରେ ବଳାତ୍କାର ଉଦ୍ୟମ କରିଥିଲେ। ପାଟି କରିବାରୁ ଅଭିଯୁକ୍ତ ପଳାଇଥିଲେ। ଘଟଣା ପରେ ମହିଳା ରାମଚନ୍ଦ୍ରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା(ନଂ. ୨୦/୨୬)ରୁଜୁ କରି ଘଟଣା ସମ୍ପର୍କରେ ଖୋଳତାଡ଼ ଆରମ୍ଭ କରିଛି। ପୀଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ପଠାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

# କାଠ ବୋଝେଇ ପିକ୍‌ଅପ୍ ଜବତ

ପାଟଣା,୧୭।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ପୋଇପାଣି ବିଟ୍ କାଠବାରୀ ଗ୍ରାମ୍ୟ ଜଙ୍ଗଲରେ ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ଚଢ଼ାଉ କରି ପିକ୍‌ଅପ୍ ଭ୍ୟାନ ଜବତ କରିଛି। ପିକ୍‌ଅପ୍ ଭ୍ୟାନ ସହ ଆକାଶିଆ ଗଛ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲା। କାଠ ମାଫିଆ ଗାଡ଼ିରେ କାଠ ବୋଝେଇ କରୁଥିବା ଖବର ପାଇ ବନ ବିଭାଗ କାଠଭାରୀ ସାତ ପୁଚୁଳି ନାଳ ନିକଟରେ ଚଢାଉ କରିଥିଲା। ୨୫ ଖଣ୍ଡ ଆକାଶିଆ ଗଣ୍ଡିକୁ ଜବତ କରିବାରେ ସଫଳ ହୋଇଥିଲା। ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ନେତୃତ୍ୱରେ ବନପାଳ ନିରଞ୍ଜନ ସେଠୀ, ପୋଇପାଣି ଫରେଷ୍ଟ ଗାର୍ଡ ରାଜେଶ ଜେନା ପ୍ରମୁଖ ସାମିଲ ଥିଲେ।

# ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପାଟଣା,୧୭।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଗିରିଜା ଶଙ୍କର ମନ୍ଦିର ପ୍ରାଙ୍ଗଣରେ ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଚବିଶ ପ୍ରହର ନାମଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ପୂଜକଭବେ ପଣ୍ଡିତ ଅରୁଣ ମିଶ୍ର ଓ ଜିତେନ୍ଦ୍ର ମିଶ୍ର ଚବିଶ ପ୍ରହର ଯଜ୍ଞକୁ ନୀତିକାନ୍ତିରେ ସମ୍ପନ୍ନ କରିଥିଲେ। ଗୌତମ ସାହୁ କର୍ତ୍ତାଭାବେ କାର୍ଯ୍ୟ ତୁଲାଇ ଥିଲେ। ଜୟକୃଷ୍ଣ ସାହୁ, ପରମେଶ୍ୱର ସାହୁ, ସୁଦର୍ଶନ ସାହୁ, ଗୋଲକ ନାଏକ, ଗୌତମ ବେହେରା ପ୍ରମୁଖ ଘଟ ବୁଡ଼ାଇ ମଣ୍ଡପକୁ ଆଣିଥିଲେ। ବିଭିନ୍ନ ଅଞ୍ଚଳରୁ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିଥିଲେ। ଗିରିଜା ଶଙ୍କର ମନ୍ଦିର କମିଟିର ସଦସ୍ୟ, ଗ୍ରାମର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ମେଶିନ ଲଗାଇ ଖଣିଜ ଏକାଠି କରାଗଲା

## ବେଆଇନ ଭାବେ ଖଣିଜ ସମତୁଲ ଘଟଣା

ଯୋଡ଼ା,୧୭।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ବାଂଶପାଣିଠାରେ ପୂର୍ବରୁ ଜବତ ହୋଇଥିବା ଖଣିଜକୁ ବେଆଇନ ଭାବେ ସମତୁଲ କରାଯାଇଥିଲା। ଏହା ମାଧ୍ୟମରେ ଖଣିଜ ଚୋରାଚାଲାଣ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଥିଲା। ଘଟଣା ଜଣାପଡ଼ିବା ପରେ ଯୋଡ଼ା ଖଣି ବିଭାଗ ମେଶିନ ଲାଗାଇ ପୁଣି ଖଣିଜକୁ ଏକାଠି କରି ନିଜ ଅକ୍ତିଆରକୁ ନେଇଛି। ଏ ନେଇ ଯୋଡ଼ା ଖଣି ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବାଂଶପାଣିଠାରେ ପ୍ରାୟ ୨୫୦୦ ମେଟ୍ରିକ ଟନ୍‌ର ଲୁହାପଥର, ପ୍ରାୟ ୫୦୦ ମେଟ୍ରିକ ଟନ୍ ସାଇଜ୍‌ଡ ଲୁହାପଥରକୁ ବହୁ ବର୍ଷ ପୂର୍ବରୁ ଖଣି ବିଭାଗ ଦାବିଦାର ନ ଥିବା କାରଣରୁ ଜବତ କରି ରଖିଥିଲା। ତାହାକୁ ଓଏମ୍‌ସି ଖଣିକୁ ନିଲାମ କରିବାକୁ ଦିଆଯାଇ ନ ଥିଲା। ଏଥିଯୋଗୁ ଉକ୍ତ ଖଣିଜ ଉପରେ ଖଣିଜ ଚୋରଙ୍କ ଲୋଲୁପଦୃଷ୍ଟି ପଡ଼ିଥିବା ବେଳେ ଅନେକ ସମୟରେ ଚୋରି ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଜଣେ ସ୍ଥାନୀୟ ବ୍ୟକ୍ତି ନିଜ ନାମ ଗୋପନରେ ରଖି ଉକ୍ତ ଖଣିଜକୁ ନିଜ ଅକ୍ତିଆରକୁ ନେବା ପାଇଁ ଖଣି ଉପନିର୍ଦ୍ଦେଶକଙ୍କୁ ଭେଟି ଅନୁରୋଧ କରିଥିଲେ। ଗତ ୩ରୁ ୪ ଦିନ ହେବ ସେଠାରେ ପଡ଼ି ରହିଥିବା ଖଣିଜକୁ ମେଶିନ ଓ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରି ପୋତି ଦିଆଯାଉଥିଲା। ଏକ ଠିକାସଂସ୍ଥା ଜରିଆରେ ବେଆଇନ ଭାବେ ଖଣିଜକୁ ସମତୁଲ କରାଯାଉଥିଲା। ଫଳରେ ଅନେକ ଲକ୍ଷ ଟଙ୍କାର ଖଣିଜକୁ ପୋତି ଦିଆଯିବା ସହ ଚୋରାଚାଲାଣ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ନିୟମିତ ଖବର ପ୍ରସାରିତ ହେବା ପରେ ଖଣି ବିଭାଗ ତତ୍ପର ହୋଇ ଉଠିଥିଲା। ଉକ୍ତ ସ୍ଥାନକୁ ଖଣି ଅଧିକାରୀ ଓ ରାଜସ୍ୱ ନିରୀକ୍ଷକ ଯାଇ ପ୍ଲଟ୍ ସବିଶେଷ ତଥ୍ୟ ଜାଣିବା ସହିତ ମାପଚୁପ୍ କରି ଖଣିଜ ପରିମାଣ ଆକଳନ କରିଥିଲେ। ଶୁକ୍ରବାର ମେଶିନ ଯୋଗେ ସମତୁଲ ଖଣିଜକୁ ଏକାଠି କରି ଉଠାଇ ବାଂଶପାଣି ଓଏମ୍‌ସି ଖଣି ପରିସରରେ ରଖାଯାଇଛି। ତେବେ ଖଣିଜର ଗ୍ରେଡ୍ ଜଣାପଡ଼ି ନ ଥିବାରୁ ତାହାକୁ ନିମ୍ନମାନର ଗ୍ରେଡ୍ ମୂଲ୍ୟରେ ପ୍ରାୟ ୭୦ ଲକ୍ଷ ଟଙ୍କାର ଆକଳନ କରାଯାଇଥିବା ଉପନିର୍ଦ୍ଦେଶକ ସେଠୀ କହିଛନ୍ତି।



ଖଣିଜକୁ ଏକାଠି କରାଯାଉଛି।

# ବ୍ଲକ୍‌ସ୍ତରୀୟ କଳାସଂସ୍କୃତି ସଂଘର ବୈଠକ

ବଉଳା,୧୭।୪(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବ୍ଲକ୍‌ସ୍ତରୀୟ କଳା ସଂସ୍କୃତି ସଂଘର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କଳା ସଂସ୍କୃତି ସଂଘର ସଭାପତି ରଞ୍ଜନ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ବିଏସ୍‌ଏସ୍‌ଓ ସ୍ୱାତୀଶ୍ରୀ ସିଂ, ସଂଘର ଉପସଭାପତି କୁମୁଦିନୀ ପଣ୍ଡା ଉପସ୍ଥିତ ଥିଲେ। ପୂର୍ବରୁ ହୋଇଥିବା ଅଭିଯୋଗ ଅନୁଯାୟୀ ଆଲୋଚନା କରାଯାଇଥିଲା। ବୈଠକରେ ବହୁ କଳାକାର ଉପସ୍ଥିତ ରହିଥିବାବେଳେ ସଂଘର ସରକାରୀ ସମ୍ପାଦକ ସ୍ୱାତୀଶ୍ରୀ ସିଂ ପରସ୍ପର ମଧ୍ୟରେ ଠିକ୍ ବୁଝାମଣା କରିବା ସହିତ କଳାକାରଙ୍କ ତରଫରୁ ଆଉ ଜଣେ ସମ୍ପାଦକ ବାଛିବା ପାଇଁ ପ୍ରସ୍ତାବ ଦେଇଥିଲେ। ପରେ ବରିଷ୍ଠ ପାଲାକାର ବାବଜୀ ଚରଣ ଜେନାଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା।

# ଅଗ୍ନି ନିରାପତ୍ତା ସଚେତନତା



ଜଣେ ଛାତ୍ରୀ ନିଆଁ ଲିଭା କୌଶଳ ଶିଖୁଛନ୍ତି।

ଯୋଡ଼ା,୧୭।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବଳଦା ପଞ୍ଚାୟତ ଗୁରୁଡ଼ା ଧରଣୀଧର ଉଚ୍ଚ ବିଦ୍ୟାଳୟ ଓଏମ୍‌ସି ମଧ୍ୟ ଇଂଲିଶ ପରିସରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ଏକ ଅଗ୍ନି ନିରାପତ୍ତା ସଚେତନତା କରାଯାଇଥିଲା। ଘରୋଇ, ବିଦ୍ୟାଳୟ ଓ ଚିକିତ୍ସା ସମୟରେ ଅଗ୍ନି ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଅଗ୍ନିକାଣ୍ଡ ଘଟିଲେ କିପରି ନିୟନ୍ତ୍ରଣ କରିବା ଓ ସମସ୍ତଙ୍କ ସୁରକ୍ଷା କିପରି ସୁନିଶ୍ଚିତ କରିବା, ସେଥି ପାଇଁ ମଧ୍ୟ ମାର୍ଗଦର୍ଶନ ଦିଆଯାଇଥିଲା। ଟିଏସ୍‌ଏଫ୍ ଓ ଟିଏସ୍‌ଏଲ ଖଣ୍ଡବନ୍ଧଙ୍କ ସମ୍ପୃକ୍ତ ସହଯୋଗରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଟିଏସ୍‌ଏଲ୍ ଖଣ୍ଡବନ୍ଧ ଖଣିର ସୁରକ୍ଷା ପ୍ରବନ୍ଧକ ଅନୁଜ କୁମାର ସୁରକ୍ଷା ବିଷୟରେ ମୂଲ୍ୟବାନ ଜ୍ଞାନ ଓ ପ୍ରୟୋଗମୂଳକ ମାର୍ଗଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଫାୟାର ସୁରକ୍ଷା ଦଳ ସହିତ ଧରଣୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୁଣମଣି ମହାନ୍ତ ଓ ମଧ୍ୟ ଇଂଲିସ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମଣ ବେଙ୍ଗରା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଟିଏସ୍‌ଏଫ୍ ପକ୍ଷରୁ ସରସ୍ୱତୀ ସୁମିତ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଣା ବଜାରକୁ ଓଏମ୍‌ସି ଖଣି ପ୍ରଭାବିତ ଅଞ୍ଚଳରେ ସାମିଲ ଦାବି




ଖଣି ପ୍ରଭାବିତ ଲୋକେ ଶୋଭାଯାତ୍ରାରେ ଯାଉଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦୁଝର,୧୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଶୁଆକାଟିରେ ଥିବା ଓଡ଼ିଶା ଖଣି ନିଗମର ଗନ୍ଧମାର୍ଦ୍ଦନ ଲୌହ ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ କେନ୍ଦୁଝର ପୁରୁଣା ସହରବାସୀଙ୍କୁ ଓଏମ୍‌ସି ଖଣି ପ୍ରଭାବିତ ଅଞ୍ଚଳରେ ମିଶାଇବାକୁ ଦାବି ହୋଇଛି। ପ୍ରତିବାଦରେ ଶୁକ୍ରବାର ଏକ ଶୋଭାଯାତ୍ରା କେନ୍ଦୁଝର ସଦର ମହକୁମାର କାଳୀପଡ଼ିଆଠାରୁ ବାହାରି କ୍ଷତିଗ୍ରସ୍ତ ଅଞ୍ଚଳବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରତିବାଦ ଜଣାଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଆନ୍ଦୋଳନରେ ଯୋଗଦେଇଥିବା ପୁରୁଣା ସହରର ବରିଷ୍ଠ ନାଗରିକ ନବ କିଶୋର ସାହୁ କହିଛନ୍ତି, ଗନ୍ଧମାର୍ଦ୍ଦନ ଖଣି ଦ୍ୱାରା ୧୦ କି.ମିରୁ କମ ଦୂରରେ ଅବସ୍ଥିତ କେନ୍ଦୁଝଗଡ଼ ପୁରୁଣା ସହରର ଅଧିକାଂଶ ଅଞ୍ଚଳ ପ୍ରଭାବିତ ହେଉଛି। ବିଶେଷକରି ୧, ୨ ଓ ୩ ନମ୍ବର ୱାର୍ଡର ଅଧିବାସୀମାନେ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ସୁବିଧା ସୁଯୋଗ ପ୍ରଦାନ କରାଯାଇନାହିଁ। ଏ ସମ୍ବନ୍ଧରେ ଗତ ୩ ନଭେମ୍ବର ୨୦୨୫ରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ଜିଲାପାଳ କେନ୍ଦୁଝଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଆଶୁ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ବାହୀ ଅଧିକାରୀ ଏ ବିଷୟରେ ଗୁରୁତ୍ୱ ଦେଲେ ନାହିଁ କିମ୍ବା କୌଣସି ପଦକ୍ଷେପ ନେଲେ ନାହିଁ ବୋଲି ଅଭିଯୋଗ କରିଛନ୍ତି। ତେଣୁ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି କେନ୍ଦୁଝର ସଦର ବିଧାୟକ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୁରୁଣା ସହରବାସୀଙ୍କ ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ଦାବିକୁ ମୁଖ୍ୟମନ୍ତ୍ରୀ ଅବିଳମ୍ବେ ପୂରଣ କରିବା ଏବଂ ଗନ୍ଧମାର୍ଦ୍ଦନ ଖଣି ପ୍ରଭାବିତ ଅଞ୍ଚଳ ଭାବରେ ପୁରୁଣା ସହରର ୧, ୨ ଓ ୩ ନମ୍ବର ୱାର୍ଡକୁ ସାମିଲ କରି ସୁବିଧା ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ଆନ୍ଦୋଳନ ଓ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକ ସାହୁଙ୍କ ସମେତ ପୁରୁଣା ସହରର ନାଗରିକ ସତ୍ୟବ୍ରତ ପାଢ଼ୀ, ବିଶ୍ୱଜିତ ପଟ୍ଟନାୟକ, ଆଦିତ୍ୟ ବେଜ, ଜିତେନ୍ଦ୍ର ପତି, ଦେବେନ୍ଦ୍ର ସ୍ୱାଇଁ, ପ୍ରଭୁପଦ ମିଶ୍ର, ଅନ୍ତର୍ଯ୍ୟାମୀ ପତି, ଆଶିଷ ଶର୍ମା, ସତ୍ୟେନ୍ଦ୍ର କର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

ଆନନ୍ଦପୁର,୧୭।୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଘଷିପୁରା ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ଏକ ଅଗ୍ନି ନିରୋଧ ମକଡ୍ରିଲ ଅନୁଷ୍ଠିତ ହୋଇଛି। ଅଗ୍ନିଶମ ଅଧିକାରୀ ରାଧୁ ଚରଣ ମଲ୍ଲିକଙ୍କ ସମେତ ବିଭାଗୀୟ କର୍ମଚାରୀ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କୁ ସୁରକ୍ଷିତ ଉଦ୍ଧାର ପ୍ରକ୍ରିୟା ଅଗ୍ନିଶମ କର୍ମଚାରୀମାନେ ପ୍ରଦର୍ଶନୀ ମାଧ୍ୟମରେ ଦର୍ଶାଇଥିଲେ। ଏଥିସହ ଅସାବଧାନତା ବସତଃ ନିଆଁ ଲାଗିଲେ କିପରି ନିଜକୁ ରକ୍ଷା କରିବା ସହିତ ଅନ୍ୟଙ୍କୁ ସାହାଯ୍ୟ କରାଯିବ ଏଥିପ୍ରତି ମଧ୍ୟ ସଚେତନ କରିଥିଲେ। ଝଡ଼ ବର୍ଷା ପବନରେ ଗଛ ଭାଙ୍ଗି ପଡ଼ିଲେ, ତାହା କିପରି ତୁରନ୍ତ ସଫା କରାଯିବ, ଏଥିସହ ବଡ଼ କୋଠା ଘରେ ନିଆଁ ଲାଗିଥିଲେ କିପରି ଆୟତ୍ତ କରାଯିବ, ଗ୍ୟାସରେ ନିଆଁ ଲାଗିଲେ କିପରି ଲିଭାଯାଇପାରିବ, ସେନେଇ ଅଗ୍ନିଶମ କର୍ମଚାରୀ ସଚେତନ କରିଥିଲେ। ଡା. ସୁଚରିତା ପଟ୍ଟନାୟକ, ବିପିଏମ ଦେବାଶିଷ ଭଞ୍ଜ, ବିଡିଏମ ମନୋଜ ପଟ୍ଟନାୟକ, ଫାର୍ମାସିଷ୍ଟ ରିତାଞ୍ଜଳୀ ସାଙ୍କ ସମେତ ସମସ୍ତ ମହିଳା, ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ସମସ୍ତ ନିର୍ମଳ ସେବକ ଉପସ୍ଥିତ ଥିଲେ।

# ଖବରଦାତାଙ୍କୁ ହତ୍ୟା ଧମକ

ଆନନ୍ଦପୁର,୧୭।୪
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଘସିପୁରା ଥାନା ଟୋଲଙ୍ଗପଡ଼ା ଗ୍ରାମର ଖବରଦାତା ମନୋଜ କୁମାର ବାରିକ(୩୨)ଙ୍କୁ ହତ୍ୟା ଧମକ ମିଳିଛି। ଏ ନେଇ ଘସିପୁରା ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ମନୋଜ ଏକ ଟିଭି ଚ୍ୟାନେଲରେ ଆନନ୍ଦପୁର ବ୍ଲକ୍ ପାଇଁ କାର୍ଯ୍ୟ କରୁଛନ୍ତି। ଗୁରୁବାର ସନ୍ଧ୍ୟାରେ ୩ ଯୁବକ ମଦ ଦୋକାନରେ ମଦ ଚଢ଼ା ଦରରେ ବିକ୍ରି ହେଉଥିବା କହି ଖବର ପ୍ରସାରଣ ପାଇଁ ଡାକିଥିଲେ। ଖବରଦାତା ସେଠାରେ ପହଞ୍ଚି ଅଧିକ ଦରରେ ମଦ ବିକ୍ରି ହେଉଥିବା ପ୍ରମାଣ ଚାହିଁଥିଲେ। ୩ ଯୁବକ ପଇସା ନେଇ ଖବର ଛାପୁଥିବା ଖବରଦାତାମାନେ ଯେତେବେଳେ ବି ଡାକିଲେ ଖବର ସଂଗ୍ରହ କରିବେ ବୋଲି କହି ଗାଳିଗୁଲଜ କରିଥିଲେ। ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଖବରଦାତା ଘସିପୁରା ଥାନାରେ ଗୁରୁବାର ରାତିରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୮୩/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଖୋଖୋ, କବାଡ଼ି, ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ରାଜ୍ୟ ସିଏମ୍ ଟ୍ରଫି

କେନ୍ଦୁଝର,୧୭।୪
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ରାଜ୍ୟ ଖୋ ଖୋ ଆସୋସିଏଶନ, ରାଜ୍ୟ କବାଡି ଆସୋସିଏଶନ, ରାଜ୍ୟ ଭଲି ବଲ ଆସୋସିଏଶନ ଏବଂ କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ମିଳିତ ସହଯୋଗରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ସିଏମ ଟ୍ରଫି ଖୋ ଖୋ, କବାଡ଼ି ଓ ଭଲିବଲ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଫ୍ଲଡ ଲାଇଟ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଞ୍ଚଳରୁ ବାଳିକା, ବାଳକ ବିଭାଗରେ ସର୍ବମୋଟ ୩୩୮ ଜଣ ପ୍ରତିଯୋଗୀ, ୧୦୬ ଜଣ ଅଫିସିଆଲ ଓ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ। କେନ୍ଦୁଝରର ଲୋକପ୍ରିୟ ଖେଳ ଖୋ ଖୋ ବାଳକ ବିଭାଗରେ ତେଲକୋଇ ପାନ୍ଥର୍ସ ଚାମ୍ପିୟନ ଓ ସେଣ୍ଟ ଜାଭିଆର ଫାଇଟର୍ସ ରନର୍ସ ଅପ, ବାଳିକା ବିଭାଗରେ କେଆଇସି, ନିଶାଗାଡ଼ିଆ ଚାମ୍ପିୟନ ଓ ଝୁମ୍ପୁରା କୁଇନ୍ସ ରନର୍ସ ଅପ, କବାଡ଼ି ବାଳକ ବିଭାଗରେ ଯୋଡ଼ା ୱାରିୟାର୍ସ ଚାମ୍ପିୟନ ଓ ତେଲକୋଇ ଗନ୍ସ ରନର୍ସ ଅପ, ବାଳିକା ବିଭାଗରେ ବୈତରଣୀ ସଦର ଚାମ୍ପିୟନ ଓ ତେଲକୋଇ ପାନ୍ଥର୍ସ ରନର୍ସ ଅପ ହୋଇଥିଲା। ଭଲି ବଲରେ ବାଳକ ବିଭାଗରେ ସଦର ଚାମ୍ପିୟନ ଓ ଘସିପୁରା ରନର୍ସ ଅପ, ବାଳିକା ବିଭାଗରେ ସଦର ଚାମ୍ପିୟନ ଓ ଝୁମ୍ପୁରା ରନର୍ସଅପ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଆୟୋଜିତ ଉତ୍ସବକୁ ଜିଲା କ୍ରୀଡ଼ା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, ଜିଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ କ୍ରୀଡ଼ାବିତ୍।

# ବିଜୁ ବାବୁ ଥିଲେ ଓଡ଼ିଶା ବିକାଶର ମୂଳ ସ୍ଥପତି

ଆନନ୍ଦପୁର/ବଞ୍ଚୋ,୧୭।୪(ସୁଶାନ୍ତ କୁମାର ସାହୁ/ପ୍ରଦୋଷ କୁମାର ବିଶ୍ୱାଳ)

ଆନନ୍ଦପୁର ବ୍ରିଜ ଛକସ୍ଥିତ ପୌରପାଳିକା କଲ୍ୟାଣୀ ମଣ୍ଡପରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଆନନ୍ଦପୁର କୋର୍ଟ ସମ୍ମୁଖରେ ଅବସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମାନ ଜଣାଇଥିଲେ। କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେଡି ଯୁବ ସଭାପତି ରାକେଶ ରାମଙ୍କ ସଂଯୋଜନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଦେବପ୍ରିୟ ପାତ୍ର, ହାଟଡ଼ିହୀ ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀ, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଆନନ୍ଦପୁର ପୌରଧକ୍ଷ ରଜନୀ ରାଣୀ ଖଟୁଆ, ହାଟଡ଼ିହୀ ବ୍ଲକ୍ ଉପାଧକ୍ଷ ରତିକାନ୍ତ ରାଉତ, ଜିଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, କୌଶଲ୍ୟା ସେଠୀ ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକ କେବଳ ଜଣେ ରାଜନେତା ନୁହେଁ, ସେ ଥିଲେ ଏକ ଯୁଗପୁରୁଷ, ସ୍ୱାଧୀନତା ସଂଗ୍ରାମୀ ଓ ଓଡ଼ିଶାର ସମଗ୍ର ବିକାଶର ମୂଳ ସ୍ଥପତି। ତାଙ୍କର ତ୍ୟାଗ, ଦୃଷ୍ଟିକୋଣ ଓ ଜନସେବା ଭାବନା ଆଜିବୀ ନୂତନ ପିଢ଼ି ପାଇଁ ପ୍ରେରଣାର ଉତ୍ସ।

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର):** କେନ୍ଦୁଝର ଜିଲା ସଦର ମହକୁମାରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ଶୁକ୍ରବାର ସ୍ମୃତି ସମାବେଶ ଅନୁଷ୍ଠିତ ହୋଇଛି। ଥାନାଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କେନ୍ଦୁଝର ନଗର ଭବନଠାରେ ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ସଭାପତିତ୍ୱ କରି ପ୍ରବାଦ ପୁରୁଷଙ୍କ ଦେଶ ପାଇଁ ଉତ୍ସର୍ଗୀକୃତ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକଙ୍କ ସଂଯୋଜନାରେ ଅତିଥି ବକ୍ତାଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ସହକାରୀ ପ୍ରଫେସର ସୁଧାକର ଦାଶ, ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ଘଟଗାଁର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। ବିଜୁ ଜନତା ଦଳ ପୂର୍ବତନ ସଭାପତି ମାଧବ ସର୍ଦ୍ଦାର, ବିଜେଡି ଜିଲା ମହିଳା ଶାଖା ସଭାପତି କମଳିନୀ ପାତ୍ର, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧକ୍ଷ ପ୍ରଭଞ୍ଜନ ପଟ୍ଟନାୟକ, ମୀନା ମାଝୀ ମଞ୍ଚାସିନ ଥିଲେ। ଏଥିସହ ଝୁମ୍ପୁରା ବ୍ଲକ୍ ଅଧକ୍ଷା ମାଳତୀ ନାଏକ, ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, କେନ୍ଦୁଝର ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ୍ ସଭାପତି ଚକ୍ରଧର ପରିଡ଼ା, ଝୁମ୍ପୁରା ବ୍ଲକ୍ ସଭାପତି ଡମ୍ବୁରୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ବିଜେଡି ନେତୃମଣ୍ଡଳୀ ଓ କର୍ମକର୍ତ୍ତା।

**ପାଟଣା,(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସକୁ ପ୍ରବାଦ ପୁରୁଷଦିବସ ଭାବେ ପାଳିତ ହୋଇଛି। ଶୁକ୍ରବାର ପାଟଣା ବ୍ଲକ୍ ରାଜନଗର ରଘୁନାଥଜୀଉ ମଠ ପରିସରରେ ଏ ନେଇ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଛି। ସଭାରେ ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟଙ୍କ ବିରତ୍ୱ, ସାହାସ ଦେଶ ପ୍ରେମ ଉପରେ ନୂତନ ପିଢ଼ିଙ୍କୁ ଅବଗତ କରିଥିଲେ। ବିଜୁ ପଟ୍ଟନାୟଙ୍କୁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଭାରତ ରତ୍ନରେ ଭୂଷିତ କରିବାକୁ ସେ ଦାବି କରିଥିଲେ। ସାହାରପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲୀପ ସାହୁ, ଝୁମ୍ପୁରା ବ୍ଲକ୍ ଅଧକ୍ଷା ମାଳତୀ ନାଏକ, ୨୩ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷା ଶୁକାନ୍ତି ନାଏକଙ୍କ ସମେତ ବିଜେଡି ନେତା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ୧୮ ନଂ. ଜୋନ୍ ସଭାପତି ଯଦୁମଣି ବାରିକ ସଂଯୋଜନା କରିଥିଲେ। ୨୩ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ ଓ ସାହାରପଡ଼ା ପଞ୍ଚାୟତର ମଞ୍ଜୁ ଓରାମଙ୍କୁ ରାଜ୍ୟ ମହିଳା ବିଜେଡିର ସମ୍ପାଦିକାଭାବେ ନବ ନିଯୁକ୍ତି ପାଇଥିବାରୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

**ବଡ଼ବିଲ,(ଜୟନ୍ତୀ ରଣା):** କେନ୍ଦୁଝର ଜିଲା ବଡ଼ବିଲରେ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଛି। କଳିଙ୍ଗନଗରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ଥାନୀୟ ଟାଉନହଲଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ବରିଷ୍ଠ ନେତା ବିଜୟ ମହାନ୍ତି, ବଡ଼ବିଲ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତ, ବଡ଼ବିଲ ପୌର ଉପାଧକ୍ଷା ସରସ୍ୱତୀ ନାଏକ, ଯୋଡ଼ା ପୌର ଉପାଧକ୍ଷା ସନ୍ଧ୍ୟାରାଣୀ ପାତ୍ର, ପୂର୍ବତନ ଯୋଡ଼ା ବ୍ଲକ୍ ଅଧକ୍ଷ ଗିରିଧାରୀ ନାଏକ, ଯୋଡ଼ାର ପୁରୁଖା ବିଜେଡି ନେତା ନିରଞ୍ଜନ ବହିଦାର ଓ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବିଜୁବାବୁ ପ୍ରତ୍ୟେକଟି କର୍ମୀଙ୍କୁ ଚିହ୍ନିଥିଲେ। ସେ କର୍ମୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝୁଥିଲେ। ଏବେକାର ରାଜନୀତି ଦିନକୁ ଦିନ କଳୁଷିତ ହେବାରେ ଲାଗଛି। ନେତୃବୃନ୍ଦ ଓ କର୍ମୀଙ୍କ ସମ୍ପର୍କରେ ଦୂରତା ବଢ଼ି ଯାଉଛି ଏବଂ କର୍ମୀଙ୍କ ସୁଖ, ଦୁଃଖରେ ନେତୃବୃନ୍ଦ ସାମିଲ ହେଉନାହାନ୍ତି ବୋଲି ଅତିଥିମାନେ କହିଥିଲେ।

